# ଅଧ୍ୟାୟ ୨

## ପାଠର ନାମ–ଓଡ଼ିଆ ଭାଷାର ବିଶେଷ ଲକ୍ଷଣ (ଶବ୍ଦଭଣ୍ଡାର ଓ ଧ୍ୱନିପ୍ରକ୍ରିୟା)

ଗଠନକ୍ରମ


୨.୦ ଉଦ୍ଦେଶ୍ୟ

୨.୧ ଉପକ୍ରମଣିକା

୨.୨ ମୂଳପାଠର ପ୍ରଥମ ଭାଗ

୨.୨.୧ ମୂଳପାଠର ପ୍ରଥମ ଭାଗ ଉପରେ ପ୍ରଶ୍ନାବଳୀ

୨.୨.୨ ମୂଳପାଠର ପ୍ରଥମ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୨.୩ ମୂଳପାଠର ଦ୍ୱିତୀୟ ଭାଗ

୨.୩.୧ ମୂଳପାଠର ଦ୍ୱିତୀୟ ଭାଗ ଉପରେ ପ୍ରଶ୍ନାବଳୀ

୨.୩.୨ ମୂଳପାଠର ଦ୍ୱିତୀୟ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୨.୪ ମୂଳପାଠର ଶେଷଭାଗ

୨.୪.୧ ମୂଳପାଠର ଶେଷ ଭାଗ ଉପରେ ପ୍ରଶ୍ନାବଳୀ

୨.୪.୨ ମୂଳପାଠର ଶେଷ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୨.୪.୩ ସମସ୍ତ ପାଠ ଉପରେ ପ୍ରଶ୍ନାବଳୀ

୨.୪.୪ ସମସ୍ତ ପାଠ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୨.୫ ସାରାଂଶ

୨.୬ ଶବ୍ଦାର୍ଥ

୨.୭ ପଠନ ଅଭ୍ୟାସ

୨.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୨.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୨.୦ ଉଦ୍ଦେଶ୍ୟ

ମନୁଷ୍ୟ ଏକମାତ୍ର ପ୍ରାଣୀ ଯେକି କଥା କହିପାରେ ଓ ଅନ୍ୟ ଲୋକର କଥାକୁ ମଧ୍ୟ ବୁଝିପାରେ । ତେଣୁ କଥା କହିବା ଓ କଥା ବୁଝିବା ହେତୁ ମନୁଷ୍ୟ ଗୋଷ୍ଠୀଗତ ଭାବରେ ଜୀବନ ଯାପନ କରିଥାଏ । ଏହି ସାମାଜିକ ଜୀବନ ପ୍ରକ୍ରିୟାରେ ଭାଷା ତା'ର ଏକ ପ୍ରଧାନ ସହାୟକ ରୂପେ କାର୍ଯ୍ୟ କରେ । ତେଣୁ ମନୁଷ୍ୟର ଏହି ଭାବ-ଆଦାନ-ପ୍ରଦାନକାରୀ ଭାଷା କିପରି ସୃଷ୍ଟି ଲାଭ କରେ, ଏଥିପାଇଁ ମନୁଷ୍ୟର କେଉଁ କେଉଁ ଅବୟବ ସହାୟକ ହୁଅନ୍ତି ଏବଂ ଏଥିରେ କେଉଁ କେଉଁ ଉପାଦାନର ଆବଶ୍ୟକତା ପଡ଼େ, ପ୍ରତ୍ୟେକେ ଜାଣିବା ନିତାନ୍ତ ଆବଶ୍ୟକ । ସେଥିପାଇଁ ଏହି ପାଠରେ ଏ ସମସ୍ତ ବିଷୟର ଆଲୋଚନା କରାଯାଇ ଓଡ଼ିଆ ଭାଷାର ଧ୍ୱନି ପ୍ରକ୍ରିୟା ଏବଂ ଶବ୍ଦଭଣ୍ଡାର ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି ।

## ୨.୧ ଉପକ୍ରମଣିକା

ମନୁଷ୍ୟ ଯେଉଁ କଥା କହେ ସେଥିପାଇଁ ତାକୁ ତା'ର ବାଗ୍‌ଯନ୍ତ୍ରରେ ଅନେକ ଧ୍ୱନି ସୃଷ୍ଟି କରିବାକୁ ପଡ଼ିଥାଏ । ମନୁଷ୍ୟ ଯେଉଁ ବାୟୁକୁ ଶ୍ୱାସକାର୍ଯ୍ୟରେ ବ୍ୟବହାର କରି ବଞ୍ଚିରହେ, ସେହି ବାୟୁପ୍ରବାହ ସାହାଯ୍ୟରେ ସେ ତା'ର ବାଗ୍‌ଯନ୍ତ୍ରରେ ବିଭିନ୍ନ ପ୍ରକାରର ଧ୍ୱନି ଉତ୍ପନ୍ନ କରିଥାଏ । ତେଣୁ ଧ୍ୱନି ସୃଷ୍ଟିର ପ୍ରଧାନ ଉପାଦାନ ହେଉଛି ବାୟୁ, ଯାହା ଭାଷା ସୃଷ୍ଟିର ମୂଳ କାରଣ । ବାୟୁ ସାହାଯ୍ୟରେ ମନୁଷ୍ୟ ପ୍ରତି ମୁହୂର୍ତ୍ତରେ ଭାଷାର ବ୍ୟବହାର କରେ; ମାତ୍ର ଏହା ଏପରି ସ୍ୱାଭାବିକ ଯେ ସେ ଏହାର ସୃଷ୍ଟିର କାରଣ ପ୍ରତି ଆଦୌ ସଚେତନ ନଥାଏ । ମନୁଷ୍ୟର ମୁଖ ନିଃସୃତ ଧ୍ୱନି ସମୂହ ଦ୍ୱାରା ସୃଷ୍ଟ ଭାଷା ସମ୍ପର୍କରେ ଭାଷାବିତ୍‌ମାନେ କହନ୍ତି ଯେ, "ଏହା ମନୁଷ୍ୟର ଚିନ୍ତାପ୍ରସୂତ ମୁଖ ନିଃସୃତ ଯାଦୃଚ୍ଛିକ ଧ୍ୱନି ପ୍ରତୀକ ସମୂହର ଏକ ନିୟମାବଦ୍ଧ ପଦ୍ଧତି, ଯାହାଦ୍ୱାରା ଏକ ଭାଷା ସମ୍ପ୍ରଦାୟର ବ୍ୟକ୍ତିବର୍ଗ ଆପଣା ଆପଣା ମଧ୍ୟରେ ଭାବ ବିନିମୟ କରି ସାମାଜିକ ଓ ସାଂସ୍କୃତିକ ଜୀବନ ନିର୍ବାହ କରିବା ସଙ୍ଗେ ସଙ୍ଗେ ବିଭିନ୍ନ କ୍ରିୟା ପ୍ରତିକ୍ରିୟା ପ୍ରକାଶ କରନ୍ତି ।" ବାଗ୍‌ଯନ୍ତ୍ରରେ ଧ୍ୱନି ସମୂହ ମାଧ୍ୟମରେ ଚିନ୍ତା ପ୍ରକାଶକ (ବକ୍ତା)ର ଧାରା, ଚିନ୍ତା

ଗ୍ରାହକ (ଶ୍ରୋତା)ର ଚିନ୍ତାକେନ୍ଦ୍ର (ମସ୍ତିଷ୍କ)ରେ ଯେତେବେଳେ ଅବିକୃତ ଭାବରେ ଗୃହୀତ ବା ଉପଲବ୍ଧ ହୁଏ ସେତେବେଳେ ଭାଷାର ସୃଷ୍ଟି ହୋଇଥାଏ ।

ସାଧାରଣତଃ ନିଃଶ୍ୱାସ ପ୍ରଶ୍ୱାସରେ ବାୟୁ ଯେପରି ସ୍ୱଚ୍ଛନ୍ଦରେ ଯିବା ଆସିବା କରିପାରେ, ମନୁଷ୍ୟ କଥାବାର୍ତ୍ତା କଲାବେଳେ ସେପରି ନିର୍ବିଘ୍ନରେ ପ୍ରବାହିତ ହୁଏ ନାହିଁ । ବାୟୁ ଫୁସ୍‌ଫୁସ୍‌ରୁ ଶ୍ୱାସନଳୀ ଦେଇ ଫେରିବା ବେଳେ ବାଗ୍‌ଯନ୍ତ୍ରର ବିଭିନ୍ନ ସ୍ଥାନରେ ବାଧାପ୍ରାପ୍ତ ହୁଏ । ଫଳରେ ବିଭିନ୍ନ ପ୍ରକାରର ଧ୍ୱନି ଉତ୍ପନ୍ନ ହୁଏ । ଏହି ଧ୍ୱନିଗୁଡ଼ିକ ନିର୍ଦ୍ଦିଷ୍ଟ ନିୟମରେ ସଜ୍ଜିତ ହୋଇ ଅର୍ଥ ପ୍ରକାଶ କଲେ, ତାହା ଶବ୍ଦରେ ପରିଣତ ହୁଏ । ଶବ୍ଦ ବା ପଦର ଏକୀକରଣରେ ବାକ୍ୟ ଗଠିତ ହୋଇ ଭାଷା ରୂପେ ବ୍ୟବହୃତ ହୁଏ ।

ଏହି ପାଠରେ ଓଡ଼ିଆ ଭାଷାରେ କଥିତ ବିଭିନ୍ନ ଧ୍ୱନିମାନଙ୍କର ଯଥାର୍ଥ ପରିଚୟ, ବିଭିନ୍ନ ଶବ୍ଦ ଓ ବାକ୍ୟଗଠନରେ ସେମାନଙ୍କର ବ୍ୟବହାର ବିଧି ତଥା ବିଭିନ୍ନ ଶବ୍ଦମାନଙ୍କର ସ୍ୱରୂପ ନିର୍ଦ୍ଧାରଣ କରାଯାଇଛି । ଓଡ଼ିଆ ଭାଷାର ବିଭିନ୍ନ ଧ୍ୱନି ପ୍ରକ୍ରିୟା ଓ ଶବ୍ଦ ଭଣ୍ଡାର ସମ୍ପର୍କରେ ମଧ୍ୟ ବୁଝାଇ ଦିଆଯାଇଛି ।

ନିର୍ଦ୍ଦେଶିତ ପାଠର ବିଶଦ ବିବରଣୀ ପାଇଁ ନିମ୍ନଲିଖିତ ପୁସ୍ତକ ଅଧ୍ୟୟନ କରାଯାଇ ପାରେ ।

୧ ଧ୍ୱନି ବିଜ୍ଞାନ (ଓଡ଼ିଆ)—ଗୋଲୋକ ବିହାରୀ ଧଳ
୨. ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦସମ୍ଭାର—ଡଃ ଧନେଶ୍ୱର ମହାପାତ୍ର
୩. ଓଡ଼ିଆ ଶବ୍ଦ ବ୍ୟୁତ୍ପତ୍ତି ବିଜ୍ଞାନ—ଡଃ ବାସୁଦେବ ସାହୁ
୪. ଭାଷା ବିଜ୍ଞାନ (ହିନ୍ଦୀ)—ଡଃ ଭୋଳାନାଥ ତିଓ୍ୱାରୀ
୫. ଭାଷା ବିଜ୍ଞାନ ପରିଚୟ (ବଙ୍ଗଳା)—ସୁକୁମାର ବିଶ୍ୱାସ
୬. **An out line of English Phonetics (English) —Daniel Jones**

---

# ୨.୨ ମୂଳପାଠର ପ୍ରଥମ ଭାଗ

ମନୁଷ୍ୟ ବାଗ୍‌ଯନ୍ତ୍ରରେ କିପରି ଧ୍ୱନି ଉଚ୍ଚାରଣ କରେ ତାହା ଜାଣିବାକୁ ହେଲେ ନିଃଶ୍ୱାସ ବାୟୁର ଆରମ୍ଭ ସ୍ଥାନ (ଫୁସ୍‌ଫୁସ୍)ଠାରୁ ଓଷ୍ଠ ପର୍ଯ୍ୟନ୍ତ ବାଗ୍‌ଯନ୍ତ୍ରର ବିଭିନ୍ନ ଅଂଶ ସହିତ ପରିଚିତ ହେବା ଦରକାର । ଏହି ଅଂଶସମୂହକୁ ବାଗ୍‌ଯନ୍ତ୍ର କୁହାଯାଏ । ଫୁସ୍‌ଫୁସ୍‌ରୁ ବାହାରୁଥିବା ବାୟୁ ଶ୍ୱାସନଳୀରେ ପ୍ରବାହିତ ହୋଇ ପ୍ରଥମେ ସ୍ୱର-ଯନ୍ତ୍ରରେ ବାଧାପ୍ରାପ୍ତ ହୁଏ । ତାପରେ ସେହି ବାୟୁ ଗଳଗହ୍ୱର ଓ ମୁଖ-ବାଟ ଦେଇ ଓଠବାଟେ ବାହାରକୁ ବାହାରିଆସେ । ମୁଖ ବନ୍ଦ ଥିଲାବେଳେ ନାସାବାଟେ ବାହାରିଯାଏ । ବାୟୁର ଏହି ପ୍ରକାର ପ୍ରବାହ ବାଗ୍‌ଯନ୍ତ୍ରର ବିଭିନ୍ନ ସ୍ଥାନରେ ବାଧାପାଇ ବିଭିନ୍ନ ଧ୍ୱନି ସୃଷ୍ଟିରେ ସହାୟକ ହୋଇଥାଏ । ବାଗ୍‌ଯନ୍ତ୍ର ବା ଭାଷଣ-ଅବୟବର ବିଭିନ୍ନ ଅଂଶ ହେଉଛି :—୧-ଓଷ୍ଠ, ୨-ଦନ୍ତ, ୩-ବର୍ତ୍ସ (ଉପରମାଢ଼ି) ୪-କଠିନ ତାଳୁ, ୫-କୋମଳ ତାଳୁ, ୬-ଅଲିଜିହ୍ୱା ବା ଘଣ୍ଟିକା, ୭-ଜିହ୍ୱାଗ୍ର, ୮-ଜିହ୍ୱାଫଳକ, ୯-ଜିହ୍ୱାମଧ୍ୟ, ୧୦-ଜିହ୍ୱାପଶ୍ଚ, ୧୧-ଗଳ ଗହ୍ୱର ବା ଉପାଲି ଜିହ୍ୱା, ୧୨-ସ୍ୱରଯନ୍ତ୍ରାବରଣ, ୧୩-ସ୍ୱରତନ୍ତ୍ରୀର ସ୍ଥାନ, ୧୪-ଶ୍ୱାସନଳୀ, ୧୫-ନାସାରନ୍ଧ୍ର ।

### ସ୍ୱର ଧ୍ୱନି

ବାଗ୍‌ଯନ୍ତ୍ରର ଅଂଶଗୁଡ଼ିକର ବିଭିନ୍ନ ସଞ୍ଚାଳନ ଓ ବିଭିନ୍ନ ସ୍ଥିତି ଅନୁସାରେ ବିଭିନ୍ନ ଧ୍ୱନିର ସୃଷ୍ଟି ହୋଇଥାଏ । ଏହି ଧ୍ୱନି-ସମୂହକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ୧-ସ୍ୱର ଧ୍ୱନି ଓ ୨-ବ୍ୟଞ୍ଜନ ଧ୍ୱନି । ଓଡ଼ିଆ ଭାଷାରେ ଧ୍ୱନି ବିଚାର କରାଯାଇ ସମୁଦାୟ ୪୯ଟି ଧ୍ୱନି ସଙ୍କେତ (ଅକ୍ଷର ବା ବର୍ଣ୍ଣ)ର ଉଲ୍ଲେଖ କରାଯାଇଛି; ମାତ୍ର ପ୍ରକୃତରେ ଉଚ୍ଚାରଣ ଦୃଷ୍ଟିରୁ ଏମାନଙ୍କର ସଂଖ୍ୟା ଯଥେଷ୍ଟ କମ୍ । ଏହି ଧ୍ୱନି-ସଙ୍କେତ ମାନଙ୍କୁ ବର୍ଣ୍ଣ ବୋଲି ମଧ୍ୟ କୁହାଯାଏ । ଯେଉଁ ଧ୍ୱନି ବା ବର୍ଣ୍ଣ ଉଚ୍ଚାରିତ ହେଲାବେଳେ ଫୁସ୍‌ଫୁସ୍‌ରୁ ନିର୍ଗତ ବାୟୁପ୍ରବାହ ମୁଖ-ଗହ୍ୱରର କୌଣସି ସ୍ଥାନରେ ବାଧାପ୍ରାପ୍ତ ହୁଏ ନାହିଁ, ସେମାନଙ୍କୁ ସ୍ୱରଧ୍ୱନି ବା ସ୍ୱର ବର୍ଣ୍ଣ କୁହାଯାଏ ।

ସଂସ୍କୃତରେ ସ୍ୱର ଧ୍ୱନିମାନଙ୍କର ସଂଖ୍ୟା ୧୩, ଯଥା—ଅ, ଆ, ଇ, ଈ,
ଐ, ଓ, ଔ । ଏମାନଙ୍କୁ ପୁନଶ୍ଚ ଦୁଇ ଭାଗରେ ବିଭକ୍ତ କରାଯାଇଛି । ୧-ହ୍ରସ୍ୱ ସ୍ୱର ଓ ଦୀର୍ଘ ସ୍ୱର ...
ଇ, ଉ, ଋ ୪ଟି ହ୍ରସ୍ୱ ସ୍ୱର । ଆ, ଈ, ଊ, ୠ ୪ଟି ଦୀର୍ଘ ସ୍ୱର । ଓଡ଼ିଆରେ ଲିଖିତ ସ୍ୱର ଧ୍ୱନି ୧୧ଟି । ଯଥା—ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ । କିନ୍ତୁ ଓଡ଼ିଆ ଭାଷାରେ ମାତ୍ର ୮ଟି ସାର୍ଥକ ସ୍ୱର ଧ୍ୱନି ଉଚ୍ଚାରିତ ହୁଅନ୍ତି । ସେଥିମଧ୍ୟରୁ ଅ, ଆ, ଇ, ଉ, ଏ, ଓ ୬ଟି ମୂଳସ୍ୱର ଓ 'ଐ' ଏବଂ 'ଔ'

ଦୁଇଟି ସଂଯୁକ୍ତ ସ୍ୱର । ଓଡ଼ିଆ ଭାଷାର ଧ୍ୱନି ଉଚ୍ଚାରଣରେ ଦୀର୍ଘ ଧ୍ୱନିର ଉଚ୍ଚାରଣ ଆଦୌ ନାହିଁ । ଯଥା 'ଯଦି' ଶବ୍ଦର 'ଦ୍'ରେ ଥିବା 'ଇ' ଧ୍ୱନିକୁ ଯେପରି ଉଚ୍ଚାରଣ କରଯାଏ 'ନଦୀ' ଶବ୍ଦର 'ଦ୍'ରେ ଥିବା 'ଈ' ଧ୍ୱନିକୁ ଅନୁରୂପ ଉଚ୍ଚାରଣ କରଯାଏ । ସେହିପରି 'ସୂଚୀ' ଶବ୍ଦର 'ସ୍'ରେ ଥିବା 'ଊ' ଧ୍ୱନିକୁ ଯେପରି ଉଚ୍ଚାରଣ କରଯାଏ 'ରୁଚି' ଶବ୍ଦର 'ର୍'ରେ ଥିବା 'ଉ' ଧ୍ୱନିକୁ ସେହିପରି ଉଚ୍ଚାରଣ କରଯାଏ । 'ଋ' ଧ୍ୱନି ଓଡ଼ିଆରେ 'ରୁ' ପରି ଉଚ୍ଚାରିତ ହୋଇଥାଏ । ଯଥା—'ଋଷି' > ରୁଷି । ଐ ଉଚ୍ଚାରଣ ବେଳେ ଅ ଏବଂ ଇ, ଔ ଉଚ୍ଚାରଣ ବେଳେ ଅ ଏବଂ ଉ ସଂଯୁକ୍ତ ଧ୍ୱନିପରି ଉଚ୍ଚାରିତ ହେଉଥିବାରୁ ଏମାନଙ୍କୁ ସଂଯୁକ୍ତ ସ୍ୱର କୁହାଯାଏ । ଐ, ଔ ଦୁଇଟି ସଂଯୁକ୍ତ ସ୍ୱରଧ୍ୱନି ହେଲେ ମଧ୍ୟ ଦୁଇଟି ସ୍ୱର ଧ୍ୱନିର ସମାହାର ନୁହେଁ । କାରଣ ଐ ଏବଂ ଔ ଉଚ୍ଚାରଣ ସମୟରେ ଶ୍ୱାସର ଗୋଟିଏ ଆଘାତ ପଡ଼େ; ମାତ୍ର ଅ, ଇ ଏବଂ ଅ, ଉ ଉଚ୍ଚାରଣ ସମୟରେ ଶ୍ୱାସର ଦୁଇଟି ସ୍ୱତନ୍ତ୍ର ଆଘାତ ପଡ଼ିଥାଏ । ଐ ଉଚ୍ଚାରଣ ଯେପରି କୈଳାସ ଓ ଐରବତ ଶବ୍ଦରେ ସେହିପରି ଔ ଉଚ୍ଚାରଣ ଗୌରବ, କୌରବ ଶବ୍ଦରେ ନିହିତ ଥାଏ । ଉଚ୍ଚାରଣର ସ୍ଥାନ ଦୃଷ୍ଟିରୁ ସଂସ୍କୃତରେ ସ୍ୱରମାନଙ୍କୁ ନିମ୍ନଲିଖିତ ଭାବରେ ନାମିତ କରଯାଇଛି :—

ଓଡ଼ିଆ ଭାଷାର ବିଶେଷ ଲକ୍ଷଣ

ଅ, ଆ = କଣ୍ଠ୍ୟ ସ୍ୱର
ଇ, ଈ = ତାଲବ୍ୟ ସ୍ୱର
ଉ, ଊ = ଓଷ୍ଠ୍ୟ ସ୍ୱର
ଋ, ୠ = ମୂର୍ଦ୍ଧନ୍ୟ ସ୍ୱର
ଌ = ଦନ୍ତ୍ୟ ସ୍ୱର
ଏ, ଐ = କଣ୍ଠ୍ୟ ତାଲବ୍ୟ
ଓ, ଔ = କଣ୍ଠୌଷ୍ଠ୍ୟ

ଯେଉଁ ସ୍ୱର ଧ୍ୱନିମାନଙ୍କର ଉଚ୍ଚାରଣ ସମୟରେ କୋମଳ ତାଳୁ ଉପରକୁ ନଉଠି ତଳକୁ ଓହଳିଯାଏ ଏବଂ ତା ଫଳରେ କିଛି ବାୟୁ ନାସାରନ୍ଧ୍ରରେ ପ୍ରବାହିତ ହୋଇଥାଏ ତାହାକୁ ଅନୁନାସିକ ସ୍ୱର ଧ୍ୱନି କୁହାଯାଏ । ଯଥା—ଅଁ, ଆଁ, ଈଁ, ଉଁ, ଏଁ, ଓଁ । ଓଡ଼ିଆ ଭାଷାରେ ଅନୁନାସିକ ଏକ ସାର୍ଥକ ଧ୍ୱନି ହୋଇଥିବାରୁ ଅନୁନାସିକ ଓ ନିରନୁନାସିକ ଧ୍ୱନି ମଧ୍ୟରେ ଅର୍ଥଗତ ପାର୍ଥକ୍ୟ ଦେଖାଯାଏ । ଯଥା—ବଶ-ବଂଶ, ପାଇ-ପାଇଁ, ଦଶନ-ଦଂଶନ ।

**ଓଡ଼ିଆ ବ୍ୟଞ୍ଜନ ଧ୍ୱନି :—**

ଯେଉଁ ଧ୍ୱନି ଉଚ୍ଚାରଣ କଲାବେଳେ ଫୁସ୍‌ଫୁସ୍‌ରୁ ନିର୍ଗତ ବାୟୁ ପ୍ରବାହ ମୁଖ ଗହ୍ୱରର କୌଣସି ନା କୌଣସି ସ୍ଥାନରେ ବାଧାପ୍ରାପ୍ତ ହୁଏ ତାହାକୁ ବ୍ୟଞ୍ଜନ ଧ୍ୱନି କୁହାଯାଏ । ଓଡ଼ିଆ ଭାଷାରେ ୩୬ଟି ବ୍ୟଞ୍ଜନ ଧ୍ୱନି ଅଛି । ଯଥା—କ୍, ଖ୍, ଗ୍, ଘ୍, ଙ୍, ଚ୍, ଛ୍, ଜ୍, ଝ୍, ଞ୍, ଟ୍, ଠ୍, ଡ୍, ଢ୍, ଣ୍, ତ୍, ଥ୍, ଦ୍, ଧ୍, ନ୍, ପ୍, ଫ୍, ବ୍, ଭ୍, ମ୍, ଯ୍, ର୍, ଲ୍, ବ୍, ଶ୍, ଷ୍, ସ୍, ହ୍, (ଂ, ଃ, ଁ,) 'କ୍' ଠାରୁ ମ୍ ପର୍ଯ୍ୟନ୍ତ ୨୫ଟି ବ୍ୟଞ୍ଜନକୁ ବର୍ଗ୍ୟ ବ୍ୟଞ୍ଜନ କୁହାଯାଏ । ଯଥା—ବର୍ଗ୍ୟ ବ୍ୟଞ୍ଜନ—

କ୍ ଖ୍ ଗ୍ ଘ୍ ଙ୍ = କ ବର୍ଗ
ଚ୍ ଛ୍ ଜ୍ ଝ୍ ଞ୍ = ଚ ବର୍ଗ
ଟ୍ ଠ୍ ଡ୍ ଢ୍ ଣ୍ = ଟ ବର୍ଗ
ତ୍ ଥ୍ ଦ୍ ଧ୍ ନ୍ = ତ ବର୍ଗ
ପ୍ ଫ୍ ବ୍ ଭ୍ ମ୍ = ପ ବର୍ଗ

ଅବଶିଷ୍ଟ ୧୧ଟି ଧ୍ୱନିକୁ ଅବର୍ଗ୍ୟ ବ୍ୟଞ୍ଜନ ବୋଲି କୁହାଯାଏ । ଏହି ୧୧ଟି ଅବର୍ଗ୍ୟ ବ୍ୟଞ୍ଜନକୁ ୪ ଶ୍ରେଣୀରେ ବିଭକ୍ତ କରଯାଏ ।

୧— ଯ୍ ର୍ ଲ୍ ବ୍ = ଅନ୍ତ୍ୟସ୍ଥ ବର୍ଣ୍ଣ
୨— ଶ୍ ଷ୍ ସ୍ ହ୍ = ଉଷ୍ମ ବର୍ଣ୍ଣ
୩— ଠ, ଁ = ଅନୁନାସିକ
୪— ଃ = କାକଲ୍ୟ

ଉପରଲିଖିତ ବର୍ଣ୍ଣ ପରିଚୟରେ ଦୁଇଟି 'ବ' ଅଛି । ଗୋଟିଏ ବର୍ଗ୍ୟ 'ବ' ଓ ଅନ୍ୟଟି ଅବର୍ଗ୍ୟ ବା ଅନ୍ତ୍ୟସ୍ଥ 'ୱ୍' । ଓଡ଼ିଆରେ ବର୍ଗ୍ୟ 'ବ୍'ର ଯେପରି ବ୍ୟବହାର ଅଛି, ଅନ୍ତ୍ୟସ୍ଥ 'ୱ୍'ର ସେପରି ବ୍ୟବହାର ନାହିଁ । ଏହି 'ୱ୍'କୁ ଫଳା ଆକାରରେ ବ୍ୟବହାର କରଯାଏ ।

ଯଥା :—ବର୍ଗ୍ୟ—'ବର', 'ବଢ଼' । ଅନ୍ତ୍ୟସ୍ଥ—ପକ୍ୱ, ସ୍ୱର ।

ସାଧାରଣତଃ ଓଡ଼ିଆ ଭାଷାର ଧ୍ୱନିମାନଙ୍କର କାର୍ଯ୍ୟ ଦୁଇ ପ୍ରକାରରେ ସମ୍ପାଦିତ ହୋଇଥାଏ । ପ୍ରଥମତଃ ସ୍ୱତନ୍ତ୍ର ଭାବରେ, ଦ୍ୱିତୀୟତଃ ଅନ୍ୟ ଧ୍ୱନିର ସମ୍ମିଶ୍ରଣରେ । 'ଅ'ଠାରୁ ଔ ପର୍ଯ୍ୟନ୍ତ ସ୍ୱରଧ୍ୱନି ବ୍ୟଞ୍ଜନ ଧ୍ୱନି ସହିତ ମିଳିତ ହେଲେ ସ୍ୱରଧ୍ୱନିର କେବଳ ଗୋଟିଏ ଚିହ୍ନ ରହେ, ତାହାକୁ ମାତ୍ରା କହନ୍ତି । ଯେପରି 'ଅ'—କ୍+ଅ=କ ('ଅ' କାର ଯୁକ୍ତ ହେଲେ ବ୍ୟଞ୍ଜନ ଧ୍ୱନିର କେବଳ ହସନ୍ତ ( ୍ ) ଚିହ୍ନ ଲୋପ ହୁଏ) ।

କ୍+ଆ=କା
କ୍+ଇ=କି
କ୍+ଉ=କୁ
କ୍+ଏ=କେ
କ୍+ଓ=କୋ ପ୍ରଭୃତି ।

ଅନ୍ୟ ପକ୍ଷରେ ବ୍ୟଞ୍ଜନ ଧ୍ୱନି ମଧ୍ୟ ସ୍ୱରଧ୍ୱନି ପରି ସ୍ୱତନ୍ତ୍ର ଭାବରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ଅନ୍ୟ ବ୍ୟଞ୍ଜନ ଧ୍ୱନି ସହିତ ମିଳିତ ହୋଇ ଉଚ୍ଚାରିତ ହୋଇ ପାରନ୍ତି ଏବଂ ତାହାର କିୟଦଂଶ ଚିହ୍ନିତ ହେଲେ ତାହାକୁ ଫଳା କହନ୍ତି । ଯଥା :—କ୍ର, କ୍ୟ, କ୍ଳ, କ୍ୱ, ପ୍ନ ତ୍ନ ଇତ୍ୟାଦି ।

ମନେ ରଖିବାକୁ ହେବ ଡ୍, ଢ୍, ଯ୍ ଏହି ୩ଟି ବ୍ୟଞ୍ଜନ ଧ୍ୱନି ସ୍ୱତନ୍ତ୍ର ଧ୍ୱନି ନୁହନ୍ତି । ଏମାନେ ଡ୍, ଢ୍ ଓ ଯ୍‌ର ରୂପାନ୍ତର ଡ଼୍, ଢ଼୍ ପଦର ପ୍ରଥମରେ ବ୍ୟବହୃତ ହୋଇପାରନ୍ତି । ଅନ୍ୟତ୍ର ସ୍ୱତନ୍ତ୍ର (ସଂଯୁକ୍ତ ନହୋଇ) ବ୍ୟବହୃତ ହେଲେ ଏମାନେ ଡ଼୍ ଏବଂ ଢ଼୍ ପରି ଉଚ୍ଚାରିତ ହୋଇଥାନ୍ତି । ଯେପରି ଡମ୍ବରୁ, ଢିଙ୍କି, ମାତ୍ର, ବଢ଼ିମା, କଢ଼ ସ୍ୱତନ୍ତ୍ର ଭାବରେ ଉଚ୍ଚାରିତ । 'ଯ୍' ଧ୍ୱନି ସାଧାରଣତଃ ପଦର ପ୍ରଥମରେ ବ୍ୟବହୃତ ନ ହୋଇ ଅନ୍ୟ ସ୍ଥାନରେ ରହିଲେ 'ୟ' ପରି ଉଚ୍ଚାରିତ ହୋଇଥାଏ । ଯେପରି—ଯିବା, ଯାତ୍ରା, ଯମ; କିନ୍ତୁ ଅନ୍ୟତ୍ର—ବିଷୟ, ନିୟମ ହୁଏ । କେତେକ ସ୍ଥଳରେ ଏହାର ବ୍ୟତିକ୍ରମ ଦେଖାଯାଏ । ଯଥା :—ପ୍ରଯନ୍ତ୍ର, ସଂଯୋଗ, ବିଯୋଗ । 'ଳ୍' ବର୍ଣ୍ଣ କୌଣସି ପଦର ଆରମ୍ଭରେ ବ୍ୟବହୃତ ହେବାର ଦେଖାଯାଏ ନାହିଁ । ପଦର ଆରମ୍ଭରେ 'ଲ୍' ବ୍ୟବହୃତ ହୋଇପାରେ ।

ବ୍ୟଞ୍ଜନ ଧ୍ୱନି (ବର୍ଣ୍ଣ) ସହିତ ମିଶିଥିବା ସ୍ୱରଧ୍ୱନି (ବର୍ଣ୍ଣ)କୁ ମାତ୍ରା କୁହାଯାଏ । ସ୍ୱରଧ୍ୱନି ଓ ବ୍ୟଞ୍ଜନ ଧ୍ୱନିର ପ୍ରକୃତ ଶୁଦ୍ଧ ବର୍ଣ୍ଣନାକୁ ବନାନ କୁହାଯାଏ । ଯେ କୌଣସି ଶବ୍ଦର ବନାନ କରିବା ଅର୍ଥ ସ୍ୱର ଓ ବ୍ୟଞ୍ଜନକୁ ଚିହ୍ନେଇ ଦେବା । ଯେପରି —ନଦୀ=ନ୍+ଅ+ଦ୍+ଈ
କୌଣସି=କ୍+ଔ+ଣ୍+ଅ+ସ୍+ଇ

ଦୁଇ ବା ତତୋଽଧିକ ବ୍ୟଞ୍ଜନ ଧ୍ୱନି ମିଶି ଗୋଟିଏ ବ୍ୟଞ୍ଜନରେ ପରିଣତ ହେଲେ ତାହାକୁ ଯୁକ୍ତ ବ୍ୟଞ୍ଜନ (ବର୍ଣ୍ଣ) କୁହାଯାଏ । ଯୁକ୍ତ ବ୍ୟଞ୍ଜନ ନିର୍ଦ୍ଦିଷ୍ଟ ଭାବରେ ସ୍ୱଗତ ହୋଇଥାଏ ।

ବ୍ୟଞ୍ଜନ ଧ୍ୱନି ସୃଷ୍ଟି ପାଇଁ ତିନୋଟି କଥା ବିଚାରକୁ ନିଆଯାଇଥାଏ । ୧-ବାଗ୍‌ଯନ୍ତ୍ରରେ କେଉଁ ସ୍ଥଳରେ ଧ୍ୱନି ଉତ୍ପନ୍ନ ହୁଏ । ୨-କେଉଁ ଉପାୟରେ ଧ୍ୱନି ଉତ୍ପନ୍ନ ହୁଏ । ୩-ଏହି ସମୟରେ ସ୍ୱରତନ୍ତ୍ରୀରେ କମ୍ପନ ଥାଏ କି ନାହିଁ । ମନେରଖିବାକୁ ହେବ, ସମସ୍ତ ସ୍ୱରଧ୍ୱନି ସଘୋଷ । କାରଣ ଏହି ଧ୍ୱନିର ଉଚ୍ଚାରଣ ବେଳେ ସ୍ୱରଯନ୍ତ୍ରରେ କମ୍ପନ ଥାଏ; ମାତ୍ର ବ୍ୟଞ୍ଜନ ଧ୍ୱନିର ପ୍ରତି ବର୍ଗର ପ୍ରଥମ ଓ ଦ୍ୱିତୀୟ ଧ୍ୱନି ଅଘୋଷ । ଯଥା :—କ୍ ଚ୍ ଟ୍ ତ୍ ପ୍ ଓ ଖ୍ ଛ୍ ଠ୍ ଥ୍ ଫ୍ । ଅନ୍ୟ ତିନୋଟି ଧ୍ୱନି ସଘୋଷ । ଯଥା :—ଗ୍ ଜ୍ ଡ୍ ଦ୍ ବ୍, ଘ୍ ଝ୍ ଢ୍ ଧ୍ ଭ୍, ଙ୍ ଞ୍ ଣ୍ ନ୍ ମ୍ । ଯ୍ ର୍ ଲ୍ ଳ୍ ବ୍ ମଧ୍ୟ ସଘୋଷ 'ସ୍' ଧ୍ୱନି ଅଘୋଷ ଏବଂ 'ହ୍' ଧ୍ୱନି ସଘୋଷ ଏବଂ ଅଘୋଷ ଉଭୟ ପ୍ରକାରେ ବ୍ୟବହୃତ ହୋଇଥାଏ ।
ଯେପରି ଆଃ, ଓଃ=ଅଘୋଷ
ହରି, ହିସାବ=ସଘୋଷ

ଯେଉଁ ବ୍ୟଞ୍ଜନ ଧ୍ୱନିର ଉଚ୍ଚାରଣରେ ଫୁସ୍‌ଫୁସ୍‌ରୁ କମ୍ ବାୟୁ ନିର୍ଗତ ହୁଏ ତାହାକୁ ଅଳ୍ପପ୍ରାଣ ଏବଂ ଯେଉଁ ଧ୍ୱନି ଉଚ୍ଚାରଣରେ ଅଧିକ ବାୟୁ ପ୍ରବାହିତ ହୁଏ ତାହାକୁ ମହାପ୍ରାଣ ବ୍ୟଞ୍ଜନ ଧ୍ୱନି କୁହାଯାଏ । ବ୍ୟଞ୍ଜନର ପ୍ରତି ବର୍ଗର ପ୍ରଥମ ଓ ତୃତୀୟ ଧ୍ୱନି ଅଳ୍ପପ୍ରାଣ ଏବଂ ଦ୍ୱିତୀୟ ଓ ଚତୁର୍ଥ ଧ୍ୱନି ମହାପ୍ରାଣ ଭାବରେ ଉଚ୍ଚାରିତ ହୁଅନ୍ତି ।

ବାଗ୍‌ଯନ୍ତ୍ରରେ ଉଚ୍ଚାରଣର ସ୍ଥାନ ଦୃଷ୍ଟିରୁ ବ୍ୟଞ୍ଜନମାନଙ୍କୁ ଓଷ୍ଠ୍ୟ, ଦନ୍ତ୍ୟ, ବର୍ତ୍ସ୍ୟ, ମୂର୍ଦ୍ଧନ୍ୟ, ତାଲବ୍ୟ, କଣ୍ଠ୍ୟ ଓ କାକଲ୍ୟ ଧ୍ୱନି ରୂପେ ବିଭକ୍ତ କରଯାଏ । ସେହିପରି ଉଚ୍ଚାରଣର ବିଧି (ପ୍ରଯତ୍ନ) ଦୃଷ୍ଟିରୁ ସେମାନଙ୍କୁ ସ୍ପର୍ଶ, ସଂଘର୍ଷୀ, ସ୍ପର୍ଶ-ସଂଘର୍ଷୀ, ନାସିକ୍ୟ, ପାର୍ଶ୍ୱିକ, ଲୋଡ଼ିତ, ଉତ୍କ୍ଷିପ୍ତ ଓ ଅର୍ଦ୍ଧସ୍ୱର ଭାବରେ ବିଭକ୍ତ କରଯାଏ । ଉଚ୍ଚାରଣର ସ୍ଥାନ ଓ ବିଧି ଦୃଷ୍ଟିରୁ ଓଡ଼ିଆ ବ୍ୟଞ୍ଜନ ଧ୍ୱନିମାନଙ୍କୁ ନିମ୍ନରେ ଏକ ତାଲିକା (Chart)ରେ ଦିଆଯାଇଛି ।

ଉଚ୍ଚାରଣ ସ୍ଥାନ→

| | | ଓଷ୍ଠ | ଦନ୍ତ | ବର୍ତ୍ସ | ମୂର୍ଦ୍ଧା | କଠିନ ତାଳୁ | କୋମଳ ତାଳୁ | କାକଳ | |
|---|---|---|---|---|---|---|---|---|---|
| ଉ | ସ୍ପର୍ଶ | ପ ବ<br>ଫ ଭ | ତ ଦ<br>ଥ ଧ | | ଟ ଡ<br>ଠ ଢ | | କ ଗ<br>ଖ ଘ | | ଉ |
| ଚ୍ଚା | ସଂଘର୍ଷୀ | | | ସ | | | | ହ | ଚ୍ଚା |
| ର | ସ୍ପର୍ଶ-ସଂଘର୍ଷୀ | | | | | ଚ ଜ<br>ଛ ଝ | | | ର |
| ଣ | ନାସିକ୍ୟ | ମ | | ନ | ଣ | ଞ | ଙ | | ଣ |
| ବି | ପାର୍ଶ୍ୱିକ | | | ଲ | ଳ | | | | ବି |
| ଧି | ଲୋଡ଼ିତ | | | ର | | | | | ଧି |
| ↓ | ଉତ୍କ୍ଷିପ୍ତ | | | | ଡ଼ ଢ଼ | | | | ↓ |
| | ଅର୍ଦ୍ଧସ୍ୱର | ୱ | | | | ୟ | | | |

ଉଚ୍ଚାରଣ ସ୍ଥାନ→

ଓଡ଼ିଆ ଧ୍ୱନିମାଳାରେ ତିନୋଟି ଶ୍, ଷ୍, ସ୍ ଥିଲେ ମଧ୍ୟ ଉଚ୍ଚାରଣରେ କେବଳ ଗୋଟିଏ 'ସ୍' ଉଚ୍ଚାରିତ ହୋଇଥାଏ । ତେଣୁ, 'ବଂଶ'ରେ ଥିବା 'ଶ୍', 'ପୁଷ'ରେ ଥିବା 'ଷ' ଏବଂ 'ହଂସ'ରେ ଥିବା 'ସ୍' ଧ୍ୱନି ସମାନ ଭାବରେ ଉଚ୍ଚାରିତ ହୋଇଥାଏ । ତେଣୁ ୩ଟି 'ସ୍' ପରିବର୍ତ୍ତେ ଗୋଟିଏ 'ସ୍'ର ବ୍ୟବହାର ହେଲେ କିଛି କ୍ଷତି ନାହିଁ ।

ଓଡ଼ିଆ ଭାଷାରେ 'ବ୍'ର ଦୁଇ ପ୍ରକାର ବ୍ୟବହାର ଦେଖିବାକୁ ମିଳେ । ଗୋଟିଏ ଓଷ୍ଠ୍ୟସ୍ପର୍ଶ ଧ୍ୱନି 'ବ୍' (ବର) ଅନ୍ୟଟି କଣ୍ଠୋଷ୍ଠ୍ୟ ଧ୍ୱନି ଓ୍ୱ (ପକ୍ୱ) । ସେହିପରି 'ୟ' ଧ୍ୱନିକୁ ଏକ ସଘୋଷ ତାଲବ୍ୟ ଅର୍ଦ୍ଧସ୍ୱର ରୂପେ ଉଚ୍ଚାରଣ କରାଯାଏ । ଯଥା—ୟାକୁ ନିୟତ, ଭୟ ପ୍ରଭୃତି ଶବ୍ଦରେ ୟ ପଦର ଆରମ୍ଭ, ମଧ୍ୟ ଓ ଶେଷରେ ଉଚ୍ଚାରିତ ହୋଇଥାଏ ।

### ୨.୨.୧ ମୂଳପାଠର ପ୍ରଥମ ଭାଗ ଉପରେ ପ୍ରଶ୍ନାବଳୀ —

ପ୍ରଶ୍ନ-୧ ଗୋଟିଏ ବାକ୍ୟରେ ଉତ୍ତର ଦିଅନ୍ତୁ—

(କ) ଓଡ଼ିଆ ଭାଷାରେ କେତୋଟି ସାର୍ଥକ ସ୍ୱର ଧ୍ୱନି ଅଛି ?

(ଖ) କେଉଁ କେଉଁ ଧ୍ୱନିମାନଙ୍କୁ ନାସିକ୍ୟ ବ୍ୟଞ୍ଜନ ଧ୍ୱନି କୁହାଯାଏ ?

(ଗ) କେଉଁ କେଉଁ ଧ୍ୱନିକୁ ଅନ୍ୟସ୍ଥ ଧ୍ୱନି କୁହାଯାଏ ?

୨ ଶୂନ୍ୟସ୍ଥାନ ପୂରଣ କରନ୍ତୁ—

(କ) ଓଡ଼ିଆ ଧ୍ୱନିମାନଙ୍କୁ — ଓ — ଦୁଇ ଭାଗରେ ବିଭକ୍ତ କରାଯାଏ ।

(ଖ) ଓଡ଼ିଆ ବ୍ୟଞ୍ଜନ ଧ୍ୱନିମାନଙ୍କୁ — ବର୍ଗରେ ବିଭକ୍ତ କରାଯାଏ ।

(ଗ) — ଓ — କୁ ଅର୍ଦ୍ଧସ୍ୱର କୁହାଯାଏ ।

୩ ନିମ୍ନଲିଖିତ ଧ୍ୱନିମାନଙ୍କୁ ଚିହ୍ନାଇ ଦିଅନ୍ତୁ ।

କ୍, ଇ, ସ୍, ଓ୍ୱ, ମ୍, ପ୍

### ୨.୨.୨ ମୂଳପାଠର ପ୍ରଥମ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ—

୧. ପଦଗୁଡ଼ିକର ବ୍ୟାସ ବାକ୍ୟ କରି ସମାସ ଲେଖନ୍ତୁ—
(କ) ସଘୋଷ, (ଖ) ଅର୍ଦ୍ଧସ୍ୱର, (ଗ) ଯିବା-ଆସିବା, (ଘ) ଅନୁରୂପ

୨. ପଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ—
(କ) ନିୟମାବଦ୍ଧ, (ଖ) ଉତ୍ପନ୍ନ, (ଗ) ବାଗ୍‌ଯନ୍ତ୍ର, (ଘ) ଦନ୍ତୌଷ୍ଠ୍ୟ

## ୨.୩ ମୂଳପାଠର ଦ୍ୱିତୀୟ ଭାଗ

ମନୁଷ୍ୟର ମୁଖ ନିଃସୃତ ଧ୍ୱନି ବା ଜୀବନ୍ତ ଭାଷାକୁ ଆଲୋଚନା କଲାବେଳେ ତାହାକୁ ଲିପି ସାହାଯ୍ୟରେ ଲେଖିବା ଆବଶ୍ୟକ ହୋଇଥାଏ । ସେଥିପାଇଁ ଏକ ସ୍ୱତନ୍ତ୍ର ଲିପି ବା ସଙ୍କେତର ବ୍ୟବହାର କରାଯାଏ । ଏହି ସଙ୍କେତ ହେଉଛି ଫୋନିମ (**Phoneme**) ବା ଧ୍ୱନିଗ୍ରାମ । ସଂସ୍କୃତ ଭାଷାରେ ଫୋନିମ ପାଇଁ ବର୍ଣ୍ଣ ଓ ଅକ୍ଷର ଶବ୍ଦର ବ୍ୟବହାର ରହିଛି । ମାତ୍ର ବର୍ଣ୍ଣ ଓ ଅକ୍ଷର ଶବ୍ଦର ବହୁଳ

ବ୍ୟବହାର ଦୃଷ୍ଟିରୁ ଫୋନିମ ଶବ୍ଦର ଓଡ଼ିଆ ପାରିଭାଷିକ ଶବ୍ଦ ରୂପେ ଧ୍ୱନିଗ୍ରାମ, ଧ୍ୱନିଶ୍ରେଣୀ, ସ୍ୱନଶ୍ରେଣୀ, ସ୍ୱନଗ୍ରାମ ପ୍ରଭୃତି ବ୍ୟବହୃତ ହେଉଛି । ଧ୍ୱନିଗ୍ରାମୀୟ ବିଶ୍ଳେଷଣ ଅନୁସାରେ ଧ୍ୱନିର ଧ୍ୱନ୍ୟାତ୍ମକ **(Phonetic)** ରୂପକୁ [ ] ସଙ୍କେତ ଏବଂ ଧ୍ୱନିଗ୍ରାମୀୟ ରୂପକୁ // ସଙ୍କେତ ଦ୍ୱାରା ଚିହ୍ନିତ କରାଯାଇଥାଏ । ଓଡ଼ିଆ ଭାଷାର ଧ୍ୱନିମାନଙ୍କର ଏହି ଫୋନେଟିକ୍ ଏବଂ ଫୋନେମିକ୍ ରୂପକୁ ବିଚାର କରାଯାଉ—'କ୍' କହିଲେ ଜିହ୍ୱାର ପଶ୍ଚଭାଗ ଓ କୋମଳ ତାଳୁର ସହାୟତାରେ ସୃଷ୍ଟି ହେଉଥିବା ଏକ ଅଘୋଷ ଅଳ୍ପପ୍ରାଣ କଣ୍ଠ୍ୟ ବ୍ୟଞ୍ଜନ ଧ୍ୱନିକୁ ବୁଝାଏ; ମାତ୍ର /କ୍/ ଫୋନିମ (ଧ୍ୱନିଗ୍ରାମ) କହିଲେ ତାହା ସେହି ଭାଷାର ଅଘୋଷ ଅଳ୍ପପ୍ରାଣ କଣ୍ଠ୍ୟ ପର୍ଯ୍ୟାୟ ଅନ୍ତର୍ଗତ ସମସ୍ତ ଧ୍ୱନିକୁ ବୁଝାଏ ।

ଓଡ଼ିଆ ଭାଷାର ୩ଟି ଶବ୍ଦ ଦେଖାଯାଉ—'କିଆ', 'କୁଆ', 'କା' । ପ୍ରତ୍ୟେକ ଶବ୍ଦରେ ଥିବା [କ୍] ପରସ୍ପର ସହିତ ସମାନ ନୁହନ୍ତି । ଏକ ପ୍ରକାର ଶୁଣାଗଲେ ମଧ୍ୟ ସେମାନେ ପରସ୍ପରଠାରୁ ଭିନ୍ନ । କାରଣ 'କିଆ' ଶବ୍ଦର [କ୍] ଉଚ୍ଚାରଣ ସମୟରେ ଜିହ୍ୱାର ପଶ୍ଚ ଅଂଶ ଓ କୋମଳ ତାଳୁ ଯେଉଁ ସ୍ଥାନକୁ ଆସି ମିଳିତ ହୁଅନ୍ତି, 'କୁଆ' ଶବ୍ଦର [କ୍] ଉଚ୍ଚାରଣରେ ତାହାର କିଞ୍ଚିତ୍ ପଛକୁ ଯାଆନ୍ତି । 'କା' ଶବ୍ଦର ଉଚ୍ଚାରଣରେ ଏମାନେ ଅନ୍ୟ ସ୍ଥାନରେ ମିଳିତ ହୁଅନ୍ତି । ତେଣୁ 'କ୍' ଧ୍ୱନି ଏହି ତିନୋଟି ଶବ୍ଦରେ ତିନି ପ୍ରକାର ଶୁଣାଯାଏ । ଏହି ତିନୋଟିକୁ [$କ୍^{1}$] [$କ୍^{2}$] [$କ୍^{3}$] ଭାବରେ ଚିହ୍ନିତ କରାଯାଇପାରେ । ସୂକ୍ଷ୍ମ ଉଚ୍ଚାରଣରେ ଏମାନେ ପରସ୍ପରଠାରୁ ଭିନ୍ନ ହେଲେ ମଧ୍ୟ ଏମାନଙ୍କର ଗଠନ ରୀତି ଏକପ୍ରକାର ଏବଂ ଏମାନଙ୍କର ଧ୍ୱନ୍ୟାତ୍ମକ ରୂପ ଅଘୋଷ ଅଳ୍ପପ୍ରାଣ କଣ୍ଠ୍ୟଶ୍ରେଣୀ ଅନ୍ତର୍ଭୁକ୍ତ । ଏମାନଙ୍କ ସ୍ଥାନ ପରିବର୍ତ୍ତନ କରି [$କ^{1}$] ସ୍ଥାନରେ [$କ^{3}$] କିମ୍ବା [$କ^{2}$] ବ୍ୟବହାର କଲେ ମଧ୍ୟ ଅର୍ଥର କୌଣସି ପରିବର୍ତ୍ତନ ହେବନାହିଁ । କେବଳ କାନକୁ ଅଡ଼ୁଆ ଶୁଭିବ ।

ତେଣୁ ମନେ ରଖିବାକୁ ହେବ ଧ୍ୱନିଗ୍ରାମ କୌଣସି ଐକିକ ବସ୍ତୁ ନୁହେଁ, ଏହା ଏକ ବଂଶ ବା ଶ୍ରେଣୀର ପରିଚାୟକ । ତେଣୁ ଓଡ଼ିଆ /କ୍/ ଫୋନିମ କହିଲେ 'କ୍' ବଂଶ ବୋଲି ବୁଝିବାକୁ ହେବ । [$କ୍^{1}$], [$କ୍^{2}$], [$କ^{3}$] କୁ ସେହି ବଂଶର ଗୋଟିଏ ଗୋଟିଏ ସଦସ୍ୟ ଭାବରେ ଗ୍ରହଣ କରାଯାଏ । ସେଥିପାଇଁ ବଂଶକୁ ବା ଶ୍ରେଣୀକୁ ଚିହ୍ନିତ କରିବା ପାଇଁ // ଚିହ୍ନ ଏବଂ ପ୍ରତ୍ୟେକ ସଦସ୍ୟଙ୍କୁ ଚିହ୍ନିତ କରିବା ପାଇଁ [ ] ଚିହ୍ନ ବ୍ୟବହାର କରାଯାଏ । /କ୍/ କୁ ଫୋନିମ ଏବଂ [$କ୍^{1}$] [$କ୍^{2}$] [$କ୍^{3}$] କୁ ଆଲୋଫୋନ୍ **(Allophone)** ବା ସଂଧ୍ୱନି ବା ସଂସ୍ୱନ କୁହାଯାଏ । ଗୋଟିଏ ଫୋନିମର ଅନେକ ସଂଧ୍ୱନି ଥାଇପାରନ୍ତି । ସେଗୁଡ଼ିକ ଯଦି [$କ୍^{1}$] [$କ୍^{2}$] [$କ୍^{3}$] ପରି ବ୍ୟବହୃତ ହେବେ ତାହେଲେ ଅସଂଖ୍ୟ ଅକ୍ଷର ବ୍ୟବହାର କରିବାକୁ ହେବ । ସେଥିପାଇଁ ଗୋଟିଏ /କ୍/ ବ୍ୟବହାର କରାଯାଇପାରେ । ସଂଧ୍ୱନି **(Allophone)**କୁ ବ୍ୟବହାର କରିବା ପାଇଁ [ ] ଚିହ୍ନ ଦିଆଯାଇଥାଏ ।

ଦୁଇ ଶବ୍ଦ ମଧ୍ୟରେ ଅର୍ଥ-ଭେଦ ଦେଖାଇ ପାରିବାର ଶକ୍ତି ସଂସ୍ୱନ ବା ସଂଧ୍ୱନିର ନାହିଁ । ତେଣୁ ସଂଧ୍ୱନି ପରିବର୍ତ୍ତନରେ ଅର୍ଥର ପରିବର୍ତ୍ତନ ହୁଏ ନାହିଁ, ମାତ୍ର ଧ୍ୱନିଗ୍ରାମର ପରିବର୍ତ୍ତନ ହେଲେ ଅର୍ଥର ପରିବର୍ତ୍ତନ ଘଟିଥାଏ । 'କରଣ' ଶବ୍ଦରେ ଥିବା /କ/ ସ୍ଥାନରେ ଯଦି /ବ/ ଫୋନିମ ଲେଖାଯାଏ ତାହେଲେ ଶବ୍ଦଟି 'ବରଣ' ହେବ । ସେଥିପାଇଁ ଓଡ଼ିଆ ଶବ୍ଦମାନଙ୍କରେ ପରିବର୍ତ୍ତନ ସମ୍ପର୍କରେ ଧ୍ୱନିଗ୍ରାମର ଅଧ୍ୟୟନ ଏକାନ୍ତ ଆବଶ୍ୟକ । ଧ୍ୱନିବିଜ୍ଞାନରେ ଯେଉଁ ବିଭାଗରେ ଧ୍ୱନିଗ୍ରାମର ଅଧ୍ୟୟନ କରାଯାଏ ତାହାକୁ ଫୋନେମିକ୍ସ ବା ଧ୍ୱନିଗ୍ରାମୀୟ ବିଜ୍ଞାନ କୁହାଯାଏ ଏବଂ ଯେଉଁ ବିଭାଗରେ ସଂଧ୍ୱନିର ବ୍ୟବହାର କରାଯାଏ ତାହାକୁ ଧ୍ୱନ୍ୟାତ୍ମକ ବିଜ୍ଞାନ ବା ଫୋନେଟିକ୍ସ କୁହାଯାଏ ।

**ବଳାଘାତ ବା ସ୍ୱରାଘାତ :—**ଭାଷାର କଥିତ ଓ ଲିଖିତ ଦୁଇ ପ୍ରକାର ରୂପ ମଧ୍ୟରେ କଥିତ ଭାଷାର କେତେକ ଧ୍ୱନି ଉପରେ ଅଧିକ ଶକ୍ତି ପ୍ରୟୋଗ କରିବାକୁ ପଡ଼ିଥାଏ । ସାଧାରଣତଃ କଥାବାର୍ତ୍ତା କଲା ବେଳେ ଦେଖାଯାଏ କେତେକ ଧ୍ୱନି କମ୍ ଏବଂ କେତେକ ଧ୍ୱନି ଅଧିକ ଜୋରରେ ଉଚ୍ଚାରିତ ହୁଅନ୍ତି । ଧ୍ୱନି ଉପରେ ଏହି ବଳପ୍ରୟୋଗକୁ ଧ୍ୱନିର ବଳାଘାତ ବା ସ୍ୱରାଘାତ କୁହାଯାଏ । ଅଭିଧାନମାନଙ୍କରେ ବଳାଘାତର ସଙ୍କେତ 'ı'କୁ କେତେକ ଶବ୍ଦର ତଳେ ଏବଂ କେତେକ ଶବ୍ଦର ଉପରେ ଦିଆଯାଇଥାଏ ।

ବଳାଘାତପ୍ରାପ୍ତ ଧ୍ୱନି ଉଚ୍ଚାରଣ କଲାବେଳେ ବକ୍ତାକୁ ଅଧିକ ପ୍ରାଣଶକ୍ତି (ଫୁସ୍‌ଫୁସ୍‌ରୁ ନିର୍ଗତ ବାୟୁ) ବ୍ୟବହାର କରିବାକୁ ପଡ଼ିଥାଏ । ଦୈନନ୍ଦିନ ଭାଷା ବ୍ୟବହାରରେ ମଧ୍ୟ ଦେଖାଯାଏ ଯେ ବଳାଘାତ ପ୍ରକାଶ କରିବା ପାଇଁ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ବ୍ୟବହାର କରିବାକୁ ପଡ଼ିଥାଏ । ବିଶେଷକରି ସଭାସମିତିରେ ଭାଷଣ ଦେଲାବେଳେ, ପୂଜା ପାଠରେ ଶ୍ଳୋକ ଆବୃତ୍ତି କଲାବେଳେ, ଗୀତ ବୋଲିବା ବେଳେ, ପାଲାବାଲା ପାଲା କଲାବେଳେ, ଦୁଇଦଳ କିମ୍ବା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ମାଡପିଟ୍, ଗଣ୍ଡଗୋଳ, କଳି ଝଗଡ଼ା ଲାଗିଲା ବେଳେ, ପିଲାମାନେ କନ୍ଦାକଟା କଲାବେଳେ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ବ୍ୟବହାର ଲକ୍ଷ୍ୟ କରିବାକୁ ମିଳେ । କଥାକୁ ଜୋର ଦେଇ କହିଲାବେଳେ କେହି ହାତ ହଲାନ୍ତି, କେହି ଟେବୁଲ ବାଡ଼ାନ୍ତି, କେହି ଆଙ୍ଗୁଠି ଦେଖାନ୍ତି, କେହି ଆଖି ନଚାନ୍ତି ଓ କେହି କେହି ଛାତି ମଧ୍ୟ ବାଡ଼ାନ୍ତି । ତେଣୁ ବଳାଘାତ କେବଳ ଧ୍ୱନିଗତ ନୁହେଁ, ଶାରୀରିକ ପ୍ରକ୍ରିୟା ମଧ୍ୟ । ବଳାଘାତକୁ ଦୁଇ ଭାଗରେ ବିଭକ୍ତ କରାଯାଏ—୧-ପ୍ରତ୍ୟକ୍ଷ, ୨-ଅପ୍ରତ୍ୟକ୍ଷ । ଯେଉଁ ଧ୍ୱନି ଉପରେ ସ୍ୱରାଘାତ ଦିଆଯାଏ, ତାହା ପାର୍ଶ୍ୱବର୍ତ୍ତୀ

ଧ୍ୱନି ଅପେକ୍ଷା ଅଧିକ ସ୍ପଷ୍ଟ ଶୁଣାଯାଏ । ଓଡ଼ିଆ କିମ୍ବା ହିନ୍ଦୀ ଅପେକ୍ଷା ଇଂରାଜୀରେ ଏ ପ୍ରକାର ମୁଖରତାର ତାରତମ୍ୟ ଅଧିକ ଶୁଣାଯାଏ । କାରଣ ଇଂରାଜୀ ଏକ ବଳାଘାତ ପ୍ରଧାନ ଭାଷା । ଉଦାହରଣ ସ୍ୱରୂପ—

**Pho'tograph**
**Photo'grapher**

ଏଥିରୁ ଜଣାଯାଏ ଯେ ପ୍ରଥମ ଓ ଦ୍ୱିତୀୟ ଇତ୍ୟାଦି ଅକ୍ଷରରେ ବଳାଘାତ ଶୁଣାଯାଏ, ମାତ୍ର ଓଡ଼ିଆ ଓ ଅନ୍ୟାନ୍ୟ ଭାରତୀୟମାନେ ଏ ପ୍ରକାର ଉଚ୍ଚାରଣ ପ୍ରାୟ କରନ୍ତି ନାହିଁ ।

ଅନେକ ଭାଷା ଅଛି ଯହିଁରେ ବଳାଘାତ ଶ୍ରୁତିଗୋଚର ହୁଏ ନାହିଁ । ଏହାକୁ ବକ୍ତାର ଏକ ମାନସିକ ପ୍ରକ୍ରିୟା ବୋଲି କୁହାଯାଏ । ବଳାଘାତ କଥା ବକ୍ତା ବ୍ୟବହାର କରୁଛନ୍ତି ବୋଲି ଭାବିଲେ ମଧ୍ୟ ଶ୍ରୋତା ତାହା ଶୁଣି ପାରନ୍ତି ନାହିଁ । ଶ୍ରୋତା ବରଂ ନ ଶୁଣନ୍ତୁ; ମାତ୍ର ବକ୍ତା ଧ୍ୱନି ଉଚ୍ଚାରଣରେ ଅପେକ୍ଷାକୃତ ଅଧିକ ଶକ୍ତି ପ୍ରୟୋଗ କରୁଥିବାର ଅନୁଭବ କରିଥାନ୍ତି । ଏହା କେବଳ ଆତ୍ମାନୁଭୂତ ପ୍ରକ୍ରିୟା ବ୍ୟତୀତ ଅନ୍ୟ କିଛି ନୁହେଁ । ଏହାକୁ ଅପ୍ରତ୍ୟକ୍ଷ ବଳାଘାତ ବୋଲି କୁହାଯାଏ ।

କେତେକ ଭାଷା ଅଛନ୍ତି ଯେଉଁମାନଙ୍କର ବଳାଘାତର ସ୍ଥାନ ପରିବର୍ତ୍ତନ ନେଇ ଅର୍ଥର ପରିବର୍ତ୍ତନ ହୋଇଥାଏ, ମାତ୍ର ଅନ୍ୟ କେତେକ ଭାଷା ଅଛନ୍ତି ଯାହାର ବଳାଘାତର ସ୍ଥାନ ପରିବର୍ତ୍ତନ କଲେ ମଧ୍ୟ ଭାଷାର ଅର୍ଥ ପରିବର୍ତ୍ତନ ହୁଏ ନାହିଁ । ଏ ପ୍ରକାର ଭାଷାକୁ ବଳାଘାତହୀନ ଭାଷା ବୋଲି କୁହାଯାଏ, ଯଥା—ହିନ୍ଦୀ, ମରାଠୀ, ଓଡ଼ିଆ, ଜାପାନୀ । ମାତ୍ର ଯେଉଁ ଭାଷାରେ ବଳାଘାତ ଅର୍ଥ ସହିତ ସମ୍ପୃକ୍ତ, ସେ ସବୁ ଭାଷାକୁ ବଳାଘାତପ୍ରଧାନ ଭାଷା କୁହାଯାଏ, ଯଥା—ଇଂରାଜୀ, ଜର୍ମାନୀ, ଋଷିଆନ୍, ସ୍ପାନିସ୍, ଗ୍ରୀକ୍ ଓ ଡାନିସ୍ ପ୍ରଭୃତି । ତେଣୁ ଯେ କୌଣସି ଭାଷାର ବଳାଘାତ ଜାଣିବାକୁ ହେଲେ ସେହି ସେହି ଭାଷାର ନିୟମ ଜାଣିବାକୁ ହୋଇଥାଏ । ବଳାଘାତ ବ୍ୟବହୃତ ଶବ୍ଦ ମଣିଷର ମନ ଉପରେ ଅଧିକ ପ୍ରଭାବ ବିସ୍ତାର କରିଥାଏ ।

**ସ୍ୱର ଲହର**—ମନୁଷ୍ୟର ସ୍ୱର ଯନ୍ତ୍ରରେ କମ୍ପନ ଯୋଗୁଁ ସୃଷ୍ଟି ହେଉଥିବା ଧ୍ୱନିର ଆରୋହ ଓ ଅବରୋହ ବା ଉତ୍‌ଥାନ ଓ ପତନକୁ ସ୍ୱର ଲହର କୁହାଯାଏ । ଏହା ଧ୍ୱନିର ଏପରି ଏକ ଗୁଣ ଯେ, ନ ବୁଝି ପାରୁଥିବା ଭାଷାର ସଙ୍ଗୀତ ବା କଥା ଶୁଣିବାକୁ ଚେଷ୍ଟା କଲେ ଏହା ସାହାଯ୍ୟରେ ଜଣେ ସହଜରେ ଜାଣି ପାରିବ । ଶରୀର ମଧ୍ୟରେ ଯେପରି ଆତ୍ମାର ସ୍ଥିତିର ଗୁରୁତ୍ୱ, ସେହିପରି ସ୍ୱର-ବ୍ୟଞ୍ଜନ ମିଶ୍ରିତ ଭାଷା ମଧ୍ୟରେ ସ୍ୱରର ତାତ୍ପର୍ଯ୍ୟ । ପ୍ରତ୍ୟେକ ଭାଷାର କଥନ ଭଙ୍ଗୀ ବା ରୀତିକୁ ସ୍ୱର ଲହର କୁହାଯାଏ । ଯେ କୌଣସି ଭାଷାକୁ ଶିକ୍ଷା କରି ଆୟତ୍ତ କରିବାକୁ ହେଲେ ତା'ର ସ୍ୱର ଲହରକୁ ପ୍ରଥମେ ଆୟତ୍ତ କରିବାକୁ ହେବ । ମନେ ରଖିବା ଉଚିତ ଯେ ପ୍ରତ୍ୟେକ ଭାଷାର ସ୍ୱର ଲହରର ବିଧି ସ୍ୱତନ୍ତ୍ର । ତେଣୁ ଅନ୍ୟାନ୍ୟ ସଂସ୍କୃତିକୁ ଆୟତ୍ତ କରିବା ସହଜ; ମାତ୍ର ଅନ୍ୟାନ୍ୟ ଭାଷାକୁ ଆୟତ୍ତ କରିବା ସହଜ ନୁହେଁ ।

ସ୍ୱରକୁ ଆରୋହଣ ଓ ଅବରୋହଣ ଦୃଷ୍ଟିରୁ ୩ ଭାଗରେ ବିଭକ୍ତ କରାଯାଏ । ୧-ଉଦାତ୍ତ (**High-pitch**), ୨-ଅନୁଦାତ୍ତ (**Middle pitch**), ୩-ସ୍ୱରିତ (**Low pitch**) । ଉଚ୍ଚାରଣ ସମୟରେ ଯେଉଁ ସ୍ୱର-ଧ୍ୱନିରେ ସ୍ୱରପାତ ହୁଏ ତାହାକୁ ପ୍ରଧାନ ସ୍ୱରପାତ ବା ଉଦାତ୍ତ ସ୍ୱର ବୋଲି କୁହାଯାଏ । ତାହାର ପୂର୍ବବର୍ତ୍ତୀ ଅପ୍ରଧାନ ସ୍ୱରପାତକୁ 'ଅନୁଦାତ୍ତ' ଏବଂ ଉଦାତ୍ତ ସ୍ୱରର ପରବର୍ତ୍ତୀ ନିମ୍ନଗାମୀ ସ୍ୱରକୁ ସ୍ୱରିତ ବୋଲି କୁହାଯାଏ । ଯଥା—'କଖାରୁ' ଏହାର 'ଖା'ରେ ଉଦାତ୍ତ ସ୍ୱର, 'କ'ରେ ଅନୁଦାତ୍ତ ସ୍ୱର ଏବଂ ନିମ୍ନଗାମୀ 'ରୁ'ରେ ସ୍ୱରିତ ସ୍ୱର ଉଚ୍ଚାରିତ ହୁଏ । ସ୍ୱର କେବଳ ଘୋଷ ଧ୍ୱନିରେ ସମ୍ଭବ ହୋଇଥାଏ; ମାତ୍ର ଗୀତ ଗାଇଲାବେଳେ ଅଘୋଷ ଧ୍ୱନିରେ ମଧ୍ୟ ସ୍ୱରଲହରର ପ୍ରୟୋଗ ହୁଏ । ଏହାକୁ ୨ ଭାଗରେ ବିଭକ୍ତ କରାଯାଏ— ୧-ଶବ୍ଦ ସ୍ୱର ଲହର, ୨-ବାକ୍ୟ ସ୍ୱର ଲହର । ଭାଷାରେ ସ୍ୱର ଲହର ପ୍ରକ୍ରିୟାର ଉପଯୋଗିତା ନିମ୍ନଲିଖିତ ପ୍ରଣାଳୀରେ ହୋଇଥାଏ । (କ) ଶବ୍ଦାର୍ଥ ପାର୍ଥକ୍ୟ ଦେଖାଇବା, (ଖ) ବ୍ୟାକରଣଗତ ପାର୍ଥକ୍ୟ ଦେଖାଇବା, (ଗ) ସ୍ୱାଭାବିକ ରୀତିରେ ବୈଦେଶିକ ଭାଷା ଶିକ୍ଷା କରିବା, (ଘ) ବିଭିନ୍ନ ମାନସିକ ଅବସ୍ଥାର ପାର୍ଥକ୍ୟ ସୂଚିତ କରିବା ।

କେତେକ ଭାଷା ଅଛି ଯାହାର ସ୍ୱର ଲହର ପରିବର୍ତ୍ତନ କଲେ ଅର୍ଥର ପରିବର୍ତ୍ତନ ହୋଇଯିବ; ମାତ୍ର ଓଡ଼ିଆ ଭାଷାରେ ତା ନ ହୋଇ କେବଳ ଧ୍ୱନିର ପରିବର୍ତ୍ତନ ହେଲେ ଅର୍ଥ ବଦଳିବ । ଓଡ଼ିଆ ଭାଷା ସ୍ୱର ପ୍ରଧାନ ନ ହେଲେ ମଧ୍ୟ କଥନ ଭଙ୍ଗୀରେ ଭାବର ପରିବର୍ତ୍ତନ ହୋଇଯାଏ; ଯେଉଁଥିରେ କ୍ରୋଧ, ବିରକ୍ତି, ସମ୍ମତି, ଶ୍ରଦ୍ଧା ଓ ଆନ୍ତରିକତା ପ୍ରଭୃତି ମାନସିକ ଅବସ୍ଥା ପ୍ରକାଶ କରିବା ପାଇଁ ସ୍ୱରକୁ ବ୍ୟବହାର କରାଯାଏ । ଗୋଟିଏ ସାଧାରଣ କଥା ବିଭିନ୍ନ ଭଙ୍ଗୀରେ ପ୍ରକାଶ ପାଏ । ଉଦାହରଣ ସ୍ୱରୂପ—"ସେ ମୋତେ ଯେମିତି ବ୍ୟବହାର କଲା ନା ଆଉ କେହି ହୋଇଥିଲେ କଣ ନାହିଁ କଣ କରି ଦେଇ ଥାନ୍ତା" । ଏଥିରେ ଯେମିତି, 'କଣ ନାହିଁ କଣ' 'କରି ଦେଇ ଥାନ୍ତା' ପ୍ରଭୃତି ବକ୍ତବ୍ୟ ବକ୍ତାର କହିବା ଭଙ୍ଗୀକୁ ପ୍ରକାଶ କରୁଛି । ତେଣୁ ସ୍ୱର ଲହର ହିଁ ଭାଷାର ସ୍ୱାତନ୍ତ୍ର୍ୟକୁ ପ୍ରକାଶ କରାଏ ।

୨.୩.୧ ମୂଳପାଠର ଦ୍ୱିତୀୟ ଭାଗ ଉପରେ ପ୍ରଶ୍ନାବଳୀ —

୧. ସଂକ୍ଷିପ୍ତ ଟିପ୍ପଣୀ ଦିଅନ୍ତୁ—
(କ) ବାଗ୍‌ଯନ୍ତ୍ର, (ଖ) ଫୋନିମ, (ଗ) ବଳାଘାତ

୨. ସ୍ୱର ଲହର କାହାକୁ କହନ୍ତି ? ଏହା କେତେ ପ୍ରକାର ? ସଂକ୍ଷେପରେ ବୁଝାଇ ଦିଅନ୍ତୁ ।

୨.୩.୨ ମୂଳପାଠର ଦ୍ୱିତୀୟ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ –

୧. ନିମ୍ନଲିଖିତ ଶବ୍ଦମାନଙ୍କୁ ନେଇ ବାକ୍ୟ ଗଠନ କରନ୍ତୁ—
ସ୍ୱର, ବର୍ଗ, ସ୍ପର୍ଶ, ଉଦାତ୍ତ

୨. ନିମ୍ନଲିଖିତ ପଦମାନଙ୍କ ମଧ୍ୟରୁ ବିଶେଷ୍ୟ ପଦ ଓ ବିଶେଷଣ ପଦ ଚିହ୍ନାଇ ଦିଅନ୍ତୁ—
ନାସିକ୍ୟ, ଅନ୍ତନହିତ, ଉତ୍ପତ୍ତି, ଗୁରୁତ୍ୱ, ସ୍ୱତନ୍ତ୍ର

୩. ସନ୍ଧି ବିଚ୍ଛେଦ କରନ୍ତୁ—ପବନ, ସଂଯୁକ୍ତ, ଅନ୍ତର୍ଗତ, ଯଥାର୍ଥ

## ୨.୪ ମୂଳ ପାଠର ଶେଷ ଭାଗ–

ଓଡ଼ିଆ ଧ୍ୱନି ପରିବର୍ତ୍ତନ :—

ସମୟ ଅନୁସାରେ ପ୍ରତ୍ୟେକ ଭାଷାର ପରିବର୍ତ୍ତନ ଘଟିଥାଏ । ଓଡ଼ିଆ ଭାଷାରେ ମଧ୍ୟ ଅନେକ ପରିବର୍ତ୍ତନ ଘଟୁଅଛି । ଏହି ପରିବର୍ତ୍ତନକୁ ଦୁଇଟି ନିୟମ ଅନୁସାରେ ଆଲୋଚନା କରାଯାଏ । ୧-ବାହ୍ୟ ପରିବର୍ତ୍ତନ, ୨-ଅନ୍ତର୍ନିହିତ ପରିବର୍ତ୍ତନ । ଅନ୍ୟ ଭାଷାରୁ ଆସୁଥିବା ଶବ୍ଦଗୁଡ଼ିକ ଯଦି ଓଡ଼ିଆ ଭାଷାରେ ସିଧାସଳଖ ମିଶନ୍ତି ତାହେଲେ ତାହାକୁ ବାହ୍ୟ ପରିବର୍ତ୍ତନ ବୋଲି କୁହାଯିବ; ମାତ୍ର ଭାଷା ବ୍ୟବହାର କଲାବେଳେ ଯେଉଁ ଧ୍ୱନିଗତ ଓ ରୂପଗତ ପରିବର୍ତ୍ତନ ହୁଏ, ତାହାକୁ ଅନ୍ତର୍ନିହିତ ପରିବର୍ତ୍ତନ କୁହାଯାଏ । ଭାଷାର ଧ୍ୱନି ପରିବର୍ତ୍ତନ ହେତୁ ଅନେକ ନୂତନ ନୂତନ ଭାଷାର ସୃଷ୍ଟି ହୋଇଥାଏ । ଏହି ପରିବର୍ତ୍ତନ ସାଧାରଣତଃ ମନୁଷ୍ୟର ବାଗ୍‌ଯନ୍ତ୍ରର ସ୍ୱାତନ୍ତ୍ର୍ୟ, ଶ୍ରବଣେନ୍ଦ୍ରିୟର ବିଭିନ୍ନତା, ଅନୁକରଣର ଅପୂର୍ଣ୍ଣତା, ଦ୍ରୁତ ଉଚ୍ଚାରଣ ପ୍ରଭୃତିରୁ ଘଟିଥାଏ । ଏଠାରେ ସଂସ୍କୃତ ସ୍ୱରଧ୍ୱନି କିପରି ଓଡ଼ିଆ ସ୍ୱର ଧ୍ୱନିରେ ପରିବର୍ତ୍ତିତ ହୋଇ ଅଛି ତାହାର କେତୋଟି ଦୃଷ୍ଟାନ୍ତ ଦିଆଯାଇଛି ।

ଅ>ଇ= କଚ୍ଛପ>କଚିମ>କଇଞ୍ଚ
ଅ>ଉ= ପୁତ୍ତଳିକା>ପୁତ୍ତଳିଆ>ପିତୁଳି
ଅ>ଏ= ଶଯ୍ୟା>ସେଜ୍ଜା>ଶେଯ
ଅ>ଓ= ବହିତ୍ର>ବଇତ୍ତ>ବୋଇତ
ଆ>ଉ= ଜାମାତୃ>ଜାମାଇଅ>ଜୁଆଁଇ
ଆ>ଏ= ବିଡାଳୀ>ବିଲ୍ଲାଇ>ବିଲେଇ
ଋ>ଆ= ମୃତ୍ତିକା>ମଟ୍ଟିଆ>ମାଟି
ଋ>ଇ= ଶୃଙ୍ଗ>ସିଙ୍ଗ>ଶିଙ୍ଗ
ଓ>ଅ= କୋଣ>କୋଣ>କଣ
ଓ>ଉ= ରୋଟିକା>ରୋଟିଆ>ରୁଟି
ଐ>ଇ= ଶୈବାଳିକା>ଶିଉଳିଆ>ଶିଉଳି
ଐ>ଏ= ତୈଳ>ତେଲ୍ଲ>ତେଲ
ଔ>ଉ= ଲୌହ>ଲୋହ>ଲୁହା
ଔ>ଓ= ଚୌର>ଚୋର>ଚୋର

'କ୍ଷ'ର ପରିଣତି = କ୍ଷ>ଖ=କ୍ଷୀର>ଖୀର
କ୍ଷୁଦ୍ରତାତ>ଖୁଡ଼ୁତା

'ର୍' 'ଡ୍' 'ଲ୍' ମଧ୍ୟରେ ପାରସ୍ପରିକ ପରିବର୍ତ୍ତନ—

(କ) ଅନେକତ୍ର 'ର' 'ଡ' 'ଲ' ମଧ୍ୟରେ ଅଭିନ୍ନତା—
ଚୌରଗଙ୍ଗ>ଚୋଡ଼ଗଙ୍ଗ
ଚୋଡ଼ଗଙ୍ଗ>ଚୋଳଗଙ୍ଗ

(ଖ) ର୍>ଡ଼ = ଲହରି>ଲହଡ଼ି
ଘର୍ଘର>ଘଡ଼ଘଡ଼ି

(ଗ) ର୍>ଲ୍ = ହରିଦ୍ରା>ହଳିଦା>ହଳଦି

(ଘ) ଡ୍>ଲ୍ = ଷୋଡ଼ଶ>ଷୋଳ

(ଙ) ଲ୍>ଡ଼୍ = ଲାଙ୍ଗୁଳ>ଲାଙ୍ଗୁଡ଼

(ଚ) ଲ୍>ର୍ = କଣ୍ଡୋଳକ>କଣ୍ଡୋଳଅ>କେନ୍ଦର

ନ୍ ଓ ଲ୍ ମଧ୍ୟରେ ପାରସ୍ପରିକ ପରିବର୍ତ୍ତନ—

ନ୍>ଲ୍ = ନଗ୍ନ >ଲଗ୍ନ, ନିମ୍ବ>ଲିମ୍ବ

ଲ୍>ନ୍ = ଲିଖନ>ନିହଣ, ଲଙ୍ଗଳ>ନଙ୍ଗଳ ।

ଅନ୍ୟାନ୍ୟ କାରଣରୁ ମଧ୍ୟ ସଂସ୍କୃତ ଧ୍ୱନି ଓଡ଼ିଆରେ ପରିବର୍ତ୍ତିତ ହୋଇଥାଏ । ଏହାର କେତୋଟି ଉଦାହରଣ ଦେଖନ୍ତୁ :—

| | | |
|---|---|---|
| ଭାବୁକତା ଦୃଷ୍ଟିରୁ | — | ବନମାଳୀ>ବନା, ବିଦ୍ୟାଧର>ବିଦିଆ>ବିଦେଇ |
| ମନରୁ ଗଢ଼ି କହିବା | — | ରାଉଳ>ରାଉର |
| ଭୌଗୋଳିକ ପ୍ରଭାବ | — | ସେଇଟା>ସିଟା, ଯୋଡ଼େ>ଯୁଡ଼େ |
| ଲିପି ଦୋଷ | — | ସହସ୍ର>ସସ୍ର, ଗୁପ୍ତ>ଗୁପ୍ତା |
| ସ୍ୱାଭାବିକ ପରିବର୍ତ୍ତନ | — | ପତିତ>ପଡ଼ିଆ |
| କୋମଳତା ପାଇଁ | — | ରାଜ୍ୟ>ରାଇଜ, ବାଦ୍ୟ>ବାଇଦ |
| ବଳାଘାତ ଦୃଷ୍ଟିରୁ | — | ଅଭ୍ୟନ୍ତର>ଭିତର, ଅଲାବୂ>ଲାଉ |

ଏତଦ୍ ବ୍ୟତୀତ ଓଡ଼ିଆ ଭାଷାରେ ଏହି ଧ୍ୱନି ପରିବର୍ତ୍ତନର ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି । ସେଗୁଡ଼ିକ ହେଉଛି :—

୧. ଲୋପ :—ଅନେକ ସମୟରେ ଧ୍ୱନିର ସହଜ ଉଚ୍ଚାରଣ ପାଇଁ ଶବ୍ଦର କେତେକ ଧ୍ୱନିର ଲୋପ ହୋଇଥାଏ ।
ଯଥା :—ସୁବର୍ଣ୍ଣ>ସ୍ୱର୍ଣ୍ଣ
ମାଣ>ମା

୨. ଆଗମ :—ଶବ୍ଦରେ କେତେକ ନୂତନ ଧ୍ୱନିର ମଧ୍ୟ ଆଗମ ହୁଏ ।
ଯଥା :—ସ୍କୁଲ>ଇସ୍କୁଲ
ଷ୍ଟେସନ>ଇଷ୍ଟେସନ

୩. ବିପର୍ଯ୍ୟୟ :—କୌଣସି ସ୍ଥାନରେ, ସ୍ୱର ବ୍ୟଞ୍ଜନ ବା ଅକ୍ଷର ପରସ୍ପର ସ୍ଥାନ ପରିବର୍ତ୍ତନ କଲେ ।
ଯଥା :—ପାଗଳ>ପଗଲା
ଖନ>ନଖ

୪. ସମୀଭବନ ବା ସମୀକରଣ :—ଶବ୍ଦର ଉଚ୍ଚାରଣବେଳେ ଯଦି ଦୁଇଟି ଅଲଗା ଧ୍ୱନି ପାରସ୍ପରିକ ଭାବରେ କିମ୍ବା ଗୋଟିଏ ଅନ୍ୟର ପ୍ରଭାବରେ ସାମ୍ୟ ଲାଭ କରେ ତେବେ ସେହି ନିୟମକୁ ସମୀଭବନ କୁହାଯାଏ । କେତେକ ସଂସ୍କୃତ ଧ୍ୱନି ମଧ୍ୟ ଭାରତୀୟ ଆର୍ଯ୍ୟଭାଷାରେ ସମୀଭବନ ଦେଇ ଓଡ଼ିଆ ଭାଷାରେ ଏକୀକରଣର ସମ୍ମୁଖୀନ ହୋଇଅଛି ।
ଯଥା :—ଚକ୍କ>ଚକ
ଅଗ୍ନି>ଅଗ୍‌ଗି>ଅଗି
ପୁଷ୍କରୀ>ପୁକ୍‌ଖରୀ>ପୋଖରୀ

ଆଉ କେତେକର ସିଧା ସଳଖ ସମୀକରଣ ହୋଇଅଛି ।
ଯଥା :—ଉପକାର>ଉପୁକାର
ତିଳକ>ତିଳକି

୫. ବିଷମୀଭବନ :—ସମୀଭବନର ଠିକ୍ ବିପରୀତ ହେଉଛି ବିଷମୀଭବନ ।
ଯଥା :—ଲାଙ୍ଗୁଳ>ଲାଙ୍ଗୁଡ
ନବନୀତ>ଲହୁଣି, ଲବଣି

୬. ଘୋଷୀଭବନ ଓ ଅଘୋଷୀଭବନ :—ଯେଉଁଠି ଅଘୋଷ ଧ୍ୱନି ଘୋଷ ଧ୍ୱନିରେ ପରିଣତ ହୁଏ ସେଠାରେ ଘୋଷୀଭବନ ଏବଂ ଯେଉଁଠି ଘୋଷ ଧ୍ୱନି ଅଘୋଷ ଧ୍ୱନିରେ ପରିବର୍ତ୍ତିତ ହୁଏ ସେଠାରେ ଅଘୋଷୀ ଭବନ ହୁଏ । ଯଥା :—

ଘୋଷୀ ଭବନ—ଶକଟ > ଶଗଡ଼
କପାଟ > କବାଟ
ଅଘୋଷୀ ଭବନ—ଛାଦ > ଛାତ
ବ୍ୟଞ୍ଜନକ > ବିଞ୍ଚଣା

୭. ମହାପ୍ରାଣୀ ଭବନ ଓ ଅଳ୍ପପ୍ରାଣୀ ଭବନ :—ଅଳ୍ପପ୍ରାଣ ଧ୍ୱନି ମହାପ୍ରାଣ ଧ୍ୱନିରେ ପରିଣତ ହେଲେ ମହାପ୍ରାଣୀଭବନ ଏବଂ ମହାପ୍ରାଣ ଧ୍ୱନି ଅଳ୍ପପ୍ରାଣ ଧ୍ୱନିରେ ପରିଣତ ହେଲେ ଅଳ୍ପ-ପ୍ରାଣୀଭବନ ଘଟେ । ଯଥା :—

ମହାପ୍ରାଣୀଭବନ—କାଶ > ଖାସ
ଅର୍କ > ଅର୍ଖ
ଅଳ୍ପପ୍ରାଣୀଭବନ—ଭେଖ > ଭେକ,
ହାଥ > ହାତ

୮. ନାସିକ୍ୟୀ ଭବନ—ନୀଳାଚଳ > ନୀଳାଞ୍ଚଳ
ମର୍କଟ > ମାକଡ଼ > ମାଙ୍କଡ଼

୯. ଅନୁନାସିକୀଭବନ :—ଭୂମି > ଭୂଇଁ
ଗ୍ରାମ > ଗାଆଁ

୧୦. ମୂର୍ଦ୍ଧନ୍ୟୀଭବନ :—ବୃଦ୍ଧ > ବୁଢ଼ା
ଦକ୍ଷିଣ > ଡାହାଣ

୧୧. ତାଲବ୍ୟୀଭବନ :—ବାଦ୍ୟ > ବାଜା
ଅବୋଧ > ଅବୁଝା

୧୨. ହ୍ରସ୍ୱରୁ ଦୀର୍ଘ :—ଭକ୍ତ > ଭାତ
ଅଙ୍କୁଶ > ଆଙ୍କୁଶ

୧୩. ଦୀର୍ଘରୁ ହ୍ରସ୍ୱ :—ଆଷାଢ଼ > ଅଷାଢ଼

## ଓଡ଼ିଆ ଶବ୍ଦ ଭଣ୍ଡାର

ଅର୍ଥବୋଧକ ଧ୍ୱନି ସମୂହକୁ ଶବ୍ଦ କୁହାଯାଏ । ଯେପରି ମନୁଷ୍ୟ, ନଦୀ, ବୃକ୍ଷ, ପର୍ବତ; ମାତ୍ର ଧ୍ୱନିସମୂହ କୌଣସି ଅର୍ଥ ନ ବୁଝାଇଲେ ତାହା ଶବ୍ଦ ହୋଇ ନ ପାରେ, ଯଥା :—ବୁସକ, ରମିଘ, ଥିରପି ଇତ୍ୟାଦି ।

ଓଡ଼ିଆ ଶବ୍ଦ ଭଣ୍ଡାରକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ୧-ମୌଳିକ ଭାରତୀୟ, ୨-ଆଗନ୍ତୁକ ବୈଦେଶିକ । ମୌଳିକ ଭାରତୀୟ ଚାରି ଭାଗରେ ବିଭକ୍ତ, ଯଥା :—ତତ୍ସମ, ଅର୍ଦ୍ଧତତ୍ସମ, ତଦ୍‌ଭବ ଓ ଦେଶଜ । ବୈଦେଶିକ ଶବ୍ଦ ସେହିପରି—ଯାବନିକ, ଇଉରୋପୀୟ, ଗ୍ରୀକ୍, ଚୈନିକ, ଋଷୀୟ ଓ ଅନ୍ୟାନ୍ୟରେ ବିଭକ୍ତ । ଇଉରୋପୀୟ ଶବ୍ଦ ହେଲା, ଇଂରାଜୀ, ପର୍ତ୍ତୁଗୀଜ୍ ଓ ଫରାସୀ । ଯାବନିକ ଶବ୍ଦ ହେଉଛି, ପାରସିକ, ଆରବିକ ଓ ତୁର୍କ ।

ତତ୍ସମ :—ଯେଉଁ ଶବ୍ଦଗୁଡ଼ିକ ସଂସ୍କୃତ ଭାଷାରୁ ଅବିକୃତ ଭାବରେ ଆସି ଓଡ଼ିଆରେ ବ୍ୟବହୃତ ହେଉଅଛି, ତାହାକୁ ଓଡ଼ିଆରେ ତତ୍ସମ ଶବ୍ଦ ବୋଲି କୁହାଯାଏ । ଏଗୁଡ଼ିକ ହେଉଛି—ନଦୀ, ସୂର୍ଯ୍ୟ, କୂପ, ଅନନ୍ତ, ଋତୁ, ଝଙ୍କାର, ଈଶ୍ୱର, ଲୋହିତ ପ୍ରଭୃତି ।

ଅର୍ଦ୍ଧତତ୍ସମ :—ନିୟମାନୁଯାୟୀ ସଂସ୍କୃତରୁ ପ୍ରାକୃତ ଭାଷା ମଧ୍ୟ ଦେଇ ନ ଆସି ସିଧା ସଳଖ ଯେଉଁ ଶବ୍ଦ ଓଡ଼ିଆରେ ବ୍ୟବହୃତ ହେଉଅଛି, ତାହାକୁ ଅର୍ଦ୍ଧତତ୍ସମ ଶବ୍ଦ କୁହାଯାଏ । ଯଥା :—କରମ (କର୍ମ), ଲଗନ (ଲଗ୍ନ), ସ୍ୱପନ (ସ୍ୱପ୍ନ), ପୂରୁବ (ପୂର୍ବ), ଧରମ (ଧର୍ମ), ମୂରତି (ମୂର୍ତ୍ତି), ପରବ (ପର୍ବ) ।

ତଦ୍‌ଭବ :—ଏ ପ୍ରକାର ଶବ୍ଦ ସଂସ୍କୃତ ଭାଷାରୁ ସୃଷ୍ଟ ହୋଇଥିଲେ ମଧ୍ୟ ଉଚ୍ଚାରଣରେ ଉଲ୍ଲେଖ-

ଯୋଗ୍ୟ ଭାବରେ ପରିବର୍ତ୍ତିତ ହୋଇଅଛି । ଏଗୁଡ଼ିକ ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷାର ବିଭିନ୍ନ ସ୍ତର ଦେଇ ଆସିଲା ବେଳେ ଧ୍ୱନିଗତ, ରୂପଗତ ଓ ଅର୍ଥଗତ ପରିବର୍ତ୍ତନ ଗ୍ରହଣ କରିଅଛି । ଯଥା :—

ତ୍ରିପାଠୀ—ତିଆଡ଼ି, ଡାକିନୀ—ଡାଆଣୀ, ଡାଏଣୀ, ଡାହାଣୀ, ମୁକୁଟ—ମକୁଟ, ମଉଡ଼, ମହୁଡ଼ ।

ଦେଶଜ :—ଓଡ଼ିଆ ଭାଷାରେ ବ୍ୟବହୃତ ଦ୍ରାବିଡ଼, ଆଦିବାସୀ (ଅଷ୍ଟ୍ରିକ ଭାଷା ପରିବାର ଶବ୍ଦ) ଓ ଅବ୍ୟୁତ୍ପନ୍ନ (ଯାହାର ମୂଳ ଅଦ୍ୟାବଧି ନିରୂପିତ ହୋଇନାହିଁ) ଶବ୍ଦଗୁଡ଼ିକୁ ଦେଶଜ ଶବ୍ଦ କୁହାଯାଏ ।

ଦ୍ରାବିଡ :—ଆରିସା, ଏଣ୍ଡୁରି, ତୋଟା, ତଣ୍ଡି, ତାଟି, ପୋଢୁଅ, ବଗ, ବାଡ଼ି, ଭେଣ୍ଡି, ମଶୋହି, ସଦେଇ ।

ଆଦିବାସୀ—ଅଝଟ, ଅଡ଼ା, ଡେବିରି, ଡେଙ୍ଗା, କୟାଁ, କୋଡ଼ି, ଘୁଷୁରି, ଝଟା, ଝାମେଲା, ଟାଙ୍ଗିଆ, ପଲା, ପାଇଟି, ବଗଡ଼ା, ଢୋଲ, ସରୁଆ ପ୍ରଭୃତି ।

ଅବ୍ୟୁତ୍ପନ୍ନ ଶବ୍ଦ—ଅଖାଡୁଆ, ଅଣ୍ଟା, କସି, କାଉଁରିଆ, ଖୁଲା, ଛୋଟା, ଛଛିନ୍ଦ୍ରା, ଝିଣ୍ଟିକା, ଟିଙ୍ଗ, ଟିପ, ଠେଙ୍ଗା, ହଡା, ହୁଗୁଳା ପ୍ରଭୃତି ।

**ଆଗନ୍ତୁକ ବୈଦେଶିକ ଶବ୍ଦ :—**

ଯାବନିକ—ଅଇନା, ଅଉଲ, ଅମିନ, ଅରଜି, ଅଗ୍ନନକ, ଇସ୍ତଫା, ଇଜ୍ଜତ, ଓକିଲ, କସୁର, କଏଦି, ଜୁଲମ, ଜରିମାନା, ଜମିଦାର, ତାରିଫ୍, ଦଲିଲ, ତାସ, ତହସିଲଦାର, ଦୋକାନ, ଦୁନିଆ, ନଗଦ, ବାକି, ଫିକର, ମୌଜା, ହାକିମ, ସହର, ସାହେବ ।

ପାରସିକ—ଅଙ୍ଗୁର, ଅନ୍ଦାଜ, କରଜ, କଲମ, ଖଜଣା, କାମିଜ, ଖାତା, ଖାନା, ଗ୍ଭ, ଚପରସି, ଚଷମା, ଗ୍ଭଦର, ଚୁଗୁଲି, ଦରଖାସ୍ତ, ଦରଜି, ରୁମାଲ, ମିସ୍ତିରୀ, ପୋଷାକ, ବଗିଗ୍ଭ, ପାଇଖାନା, ପଲଉ ।

ତୁର୍କୀ ଶବ୍ଦ—ଠାକୁର, ଗାଲିଗ୍ଭ, ଚକମକି, ତୋପ, ବନ୍ଧୁକ ବାରୁଦ, ବବୁର୍ଚ୍ଚି ।

ଇଂରାଜୀ ଶବ୍ଦ—ଅଡିଟ୍, ଅଡିଟର, ଆଡ଼ଭୋକେଟ, ଇଞ୍ଜିନ, ଇନକମ୍, ଇଞ୍ଜିନିୟର, ଅପିଲ, ଚେକ୍, ଏସ୍. ଡି. ଓ., ଇନିସ୍‌ପେକ୍‌ଟର, ଚେୟାର, ଟେବୁଲ, ଟାୟାର, ଟିୟୁବ୍, ଟୁର, ପାଇପ୍, ପରମିଟ୍, କ୍ଲାସ୍, କ୍ଲବ୍ ବ୍ଲାଉଜ, ମେସିନ୍, ମୋଟର, ମିଟର, କୋର୍ଟ, କେନାଲ, ପୋଷ୍ଟଅଫିସ, ଡିଗ୍ରୀ, ଡିସ୍‌ମିସ୍, ମ୍ୟାନେଜର ପ୍ରଭୃତି ।

ପର୍ତ୍ତୁଗୀଜ—କାଜୁ, କୋବି, ନିଲାମ, ଇସ୍ତ୍ରୀ, ମିସ୍ତ୍ରୀ, କାମିଜ, ବିସ୍କୁଟ, ସାଗୁ, ଗ୍ଭବି, ଗାଙ୍ଗୁଲା, ଫିରିଙ୍ଗି, କିରାଣି ।

ଚୈନିକ ବା ଚୀନ—ଗ୍ଭ, ଚିନି ।

ଗ୍ରୀକ୍—ଟ୍ରାଜେଡ଼ି, କମେଡ଼ି, ଯବନ ।

ଋଷୀୟ—ସ୍ପୁଟନିକ୍, ସୋଭିଏତ୍ ।

**୨.୪.୧ ମୂଳପାଠର ଶେଷ ଭାଗ ଉପରେ ପ୍ରଶ୍ନାବଳୀ**

୧. କେଉଁ କେଉଁ ନିୟମ ଅନୁସାରେ ଧ୍ୱନି ପରିବର୍ତ୍ତନ ଘଟିଥାଏ ? ୫ଟି ଉଦାହରଣ ଦେଇ ବୁଝାନ୍ତୁ ।

୨. ଓଡ଼ିଆ ଶବ୍ଦ ଭଣ୍ଡାରକୁ କେତେ ଭାଗରେ ବିଭକ୍ତ କରାଯାଇଛି—ସଂକ୍ଷେପରେ ଲେଖନ୍ତୁ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକ କେଉଁ କେଉଁ ଶ୍ରେଣୀର ଚିହ୍ନାଇ ଦିଅନ୍ତୁ—
ଅଡିଟର, କଲମ, କିରାଣି, ଠାକୁର, ହୁଗୁଳା ।

**୨.୪.୨ ମୂଳପାଠର ଶେଷ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ**

୧. କାହାକୁ କହନ୍ତି ଉଦାହରଣ ଦେଇ ବୁଝାନ୍ତୁ—
(କ) ସମୀଭବନ
(ଖ) ମହାପ୍ରାଣୀଭବନ

୨. ନିମ୍ନଲିଖିତ ସ୍ୱର ଧ୍ୱନିର ପରିବର୍ତ୍ତନରେ କେଉଁ କେଉଁ ନିୟମ ଦେଖାଯାଏ—
ଶେଯ, ତେଲ, ଗ୍ଭେର, ବିଲେଇ, ରୁଚି, ଜୁଆଇଁ

୨.୪.୩ ସମସ୍ତ ପାଠ ଉପରେ ପ୍ରଶ୍ନାବଳୀ

୧. ଓଡ଼ିଆ ସ୍ୱର ଧ୍ୱନିମାନଙ୍କର ପରିଚୟ ଦିଅନ୍ତୁ ।

୨. ବର୍ଗ୍ୟ ବ୍ୟଞ୍ଜନ କାହାକୁ କହନ୍ତି ? ଉଦାହରଣ ଦେଇ ବୁଝାଇ ଦିଅନ୍ତୁ ।

୩. ଧ୍ୱନିମ ଓ ସଂଧ୍ୱନି ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟ ନିରୂପଣ କରନ୍ତୁ ।

୨.୪.୪ ସମସ୍ତ ପାଠ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ପଦଗୁଡ଼ିକର ବ୍ୟାସ ବାକ୍ୟ କରି ସମାସ ଚିହ୍ନାନ୍ତୁ ।
ରୂପାନ୍ତର, କଣ୍ଠ୍ୟସ୍ପର୍ଶୀ ନିର୍ବିଘ୍ନ, ପଞ୍ଚାନନ ।

୨. ନିମ୍ନ ପ୍ରଦତ୍ତ ଶବ୍ଦଗୁଡ଼ିକ କେଉଁ ଶ୍ରେଣୀର ଚିହ୍ନାଇ ଦିଅନ୍ତୁ ।
ସ୍ୱପନ, ସଢେଇ, ଛବିଦ୍ରା, ପାଇଖାନା, ଖଦର ।

୩, କାହାକୁ କହନ୍ତି ଉଦାହରଣ ଦେଇ ବୁଝାଇ ଦିଅନ୍ତୁ ।
ସ୍ୱରାଗମ, ଅଘୋଷୀଭବନ, ଅନୁନାସିକୀଭବନ, ତାଲବ୍ୟୀଭବନ ।

୪. ନିମ୍ନଲିଖିତ ଶବ୍ଦମାନଙ୍କୁ ନେଇ ବାକ୍ୟ ଗଠନ କରନ୍ତୁ ।
ବିଭିନ୍ନ, ଐକିକ, ତଦ୍‌ଭବ, ସଂସ୍ୱନ, ପ୍ରତ୍ୟକ୍ଷ

## ୨.୫ ସାରାଂଶ

ଆଲୋଚ୍ୟ ପାଠରେ ଓଡ଼ିଆ ଭାଷାର ଧ୍ୱନି ପ୍ରକ୍ରିୟା ଓ ବିଭିନ୍ନ ଶବ୍ଦମାନଙ୍କର ପରିଚୟ ଦେବାପାଇଁ କଥିତ ଭାଷା ଉପରେ ପ୍ରାଧାନ୍ୟ ଦିଆଯାଇଛି । ଓଡ଼ିଆ ଭାଷାରେ ବ୍ୟବହୃତ ଧ୍ୱନିମାନଙ୍କୁ ବର୍ଗୀକରଣ କରାଯାଇ ସ୍ୱର ଧ୍ୱନି ଓ ବ୍ୟଞ୍ଜନ ଧ୍ୱନିମାନଙ୍କର ସୃଷ୍ଟି ଓ ପ୍ରୟୋଗ ବିଷୟରେ ଆଲୋଚନା କରାଯାଇଛି । ଓଡ଼ିଆ ବ୍ୟଞ୍ଜନମାନଙ୍କୁ ଗୋଟି ଗୋଟି କରି ଏକ ଚାର୍ଟ ଜରିଆରେ ବୁଝାଇ ଦିଆଯାଇଛି । ଓଡ଼ିଆ ବ୍ୟଞ୍ଜନମାନଙ୍କର ବର୍ଗୀକରଣ କରାଯାଇ ସେମାନଙ୍କର ଉଚ୍ଚାରଣ ପଦ୍ଧତି ଓ ଉଚ୍ଚାରଣ ସ୍ଥାନ ସମ୍ପର୍କରେ ଆଲୋଚନା କରାଯାଇଛି । ବିଭିନ୍ନ ଶବ୍ଦରେ ବ୍ୟଞ୍ଜନମାନଙ୍କର ବ୍ୟବହାର ଅନୁସାରେ ପରିବର୍ତ୍ତିତ ରୂପର ସ୍ପଷ୍ଟ ପରିଚୟ ଦିଆଯାଇଛି । ଓଡ଼ିଆ ଭାଷାରେ ବ୍ୟବହୃତ ଧ୍ୱନିଶ୍ରେଣୀ, ସଂସ୍ୱନ, ବଳାଘାତ ଏବଂ ସ୍ୱର ଲହର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ସଂସ୍କୃତରୁ ଓଡ଼ିଆକୁ ଆସିଲାବେଳେ ସ୍ୱର ଧ୍ୱନିର ଯେଉଁ ବିବର୍ତ୍ତନ ଘଟିଛି ତାକୁ ସହଜ ଉପାୟରେ ବୁଝାଇ ଦିଆଯାଇଛି ।

ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆ ଶବ୍ଦ ଭଣ୍ଡାର ପ୍ରସଙ୍ଗରେ ଓଡ଼ିଆ ଭାଷାରେ ବ୍ୟବହୃତ ତତ୍ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ ଶବ୍ଦମାନଙ୍କର ପରିଚୟ ପ୍ରଦାନ କରାଯାଇଛି । ପ୍ରତ୍ୟେକ ବିଭାଗର ଶବ୍ଦମାନଙ୍କୁ ଚିହ୍ନିବା ପାଇଁ ସ୍ୱତନ୍ତ୍ର ବିଭାଗମାନ କରାଯାଇଛି । ଏହି ଶବ୍ଦମାନଙ୍କର ଓଡ଼ିଆ ଭାଷାରେ ବ୍ୟବହାର ବିଧିର ଆଲୋଚନା କରାଯିବା ସଙ୍ଗେ ସଙ୍ଗେ ଏହାଦ୍ୱାରା ଓଡ଼ିଆ ଭାଷା କିପରି ସମୃଦ୍ଧ ହୋଇଅଛି, ତାହା ଦର୍ଶାଇ ଦିଆଯାଇଛି ।

## ୨.୬ ଶବ୍ଦାର୍ଥ

ବାଗ୍‌ଯନ୍ତ୍ର—କଥା ବା ଶବ୍ଦ ସୃଷ୍ଟି ପାଇଁ ବ୍ୟବହୃତ ହେଉଥିବା ମନୁଷ୍ୟର ଅବୟବ

ଉପାଦାନ—ଉପକରଣ

ବକ୍ତା—ଯେ କହେ

ଶ୍ରୋତା—ଯେ ଶୁଣେ

ସ୍ୱଚ୍ଛନ୍ଦ—ଅବାଧ, ସ୍ୱାଧୀନ

ଧ୍ୱନି ସଙ୍କେତ—ଧ୍ୱନି ଚିହ୍ନ

ସଘୋଷ—ଯେଉଁ ଧ୍ୱନି ସୃଷ୍ଟି ସମୟରେ ସ୍ୱର ଯନ୍ତ୍ରରେ କମ୍ପନ ଥାଏ ।

ଅଘୋଷ—ଯେଉଁ ଧ୍ୱନି ସୃଷ୍ଟି ସମୟରେ ସ୍ୱରଯନ୍ତ୍ରରେ କମ୍ପନ ନଥାଏ ।

ଅଳ୍ପପ୍ରାଣ—ଯେଉଁ ଧ୍ୱନି ଉତ୍ପତ୍ତି ସମୟରେ ଫୁସ୍‌ଫୁସ୍‌ରୁ କମ୍ ବାୟୁ ନିର୍ଗତ ହୁଏ ।

ମହାପ୍ରାଣ—ଯେଉଁ ଧ୍ୱନି ଉଚ୍ଚାରଣ ବେଳେ ଫୁସ୍‌ଫୁସ୍‌ରୁ ଅଧିକ ବାୟୁ ନିର୍ଗତ ହୁଏ ।

ଫୋନିମ—ଧ୍ୱନିଗ୍ରାମ ବା ଧ୍ୱନି ପରିବାର ।

ସଂସ୍ୱନ—ଧ୍ୱନି ପରିବାର ସଦସ୍ୟଙ୍କୁ ବୁଝାଏ ।

ଆରୋହ—ଉପରକୁ ଉଠିବା ।

ଅବରୋହ—ତଳକୁ ଖସିବା ।

ବଳାଘାତ—ଧ୍ୱନି ଉପରେ ଅଧିକ ବଳ ପ୍ରୟୋଗକୁ ବଳାଘାତ କୁହାଯାଏ ।

## ୨.୭ ପଠନ ଅଭ୍ୟାସ

୧. ମୂଳପାଠର କେଉଁ ପୃଷ୍ଠାରେ ଅଛି ଉଲ୍ଲେଖ କରନ୍ତୁ ।
   (କ) ସ୍ୱର ଲହର ହିଁ ଭାଷାର ସ୍ୱାତନ୍ତ୍ର୍ୟକୁ ପ୍ରକାଶ କରାଏ ।
   (ଖ) ମନେ ରଖିବାକୁ ହେବ ଧ୍ୱନିଗ୍ରାମ କୌଣସି ଐକିକ ବସ୍ତୁ ନୁହେଁ ।
   (ଗ) ଭାଷାର ଧ୍ୱନି ପରିବର୍ତ୍ତନ ହେତୁ ଅନେକ ନୂତନ ନୂତନ ଭାଷାର ସୃଷ୍ଟି ହୋଇଥାଏ ।

୨. ନିମ୍ନଲିଖିତ ଶବ୍ଦଗୁଡିକ କେଉଁ କେଉଁ ପ୍ରସଙ୍ଗରେ ବ୍ୟବହୃତ ହୋଇଛି ଉଲ୍ଲେଖ କରନ୍ତୁ ।
   ପ୍ରଯତ୍ନ ବିଧି, ଧ୍ୱନିଗ୍ରାମ, ହ୍ରସ୍ୱ ସ୍ୱର, କମ୍ପନ, ଅନୁନାସିକ ।

୩. ନିମ୍ନଲିଖିତ ଶବ୍ଦଗୁଡିକ କେଉଁ କେଉଁ ପୃଷ୍ଠାରେ ଉଲ୍ଲିଖିତ ?
   ମାତ୍ରା, ଯୁକ୍ତ ବ୍ୟଞ୍ଜନ, କୁଆ, ପ୍ରାଣଶକ୍ତି ।

## ୨.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର—

ନିମ୍ନରେ କେତେଗୁଡିଏ ପ୍ରଶ୍ନ ଦିଆଯାଇଛି । ପ୍ରଥମେ ଏହି ପ୍ରଶ୍ନଗୁଡିକର ଉତ୍ତର ନିଜେ କରନ୍ତୁ ଏବଂ ଠିକ୍ ହେଲା କି ଭୁଲ ହେଲା ଜାଣିବା ପାଇଁ ଶେଷରେ ଦିଆଯାଇଥିବା ଉତ୍ତର ସହିତ ମିଳାଇ ଦେଖନ୍ତୁ ।

ପ୍ରଶ୍ନ

୧ ଶୂନ୍ୟସ୍ଥାନ ପୂରଣ କରନ୍ତୁ ।
   (କ) ଅର୍ଥବୋଧକ ଧ୍ୱନି ସମୂହକୁ — କୁହାଯାଏ ।
   (ଖ) ଧ୍ୱନି ଉପରେ ବଳ ପ୍ରୟୋଗକୁ — କୁହାଯାଏ ।
   (ଗ) ଧ୍ୱନିଗ୍ରାମ କୌଣସି — ବସ୍ତୁ ନୁହେଁ ।
   (ଘ) ନାସିକ୍ୟ ଧ୍ୱନି ଉଚ୍ଚାରଣ ବେଳେ — ଉପରକୁ ଉଠିଥାଏ ।

୨ ନିମ୍ନଲିଖିତ ପଦମାନଙ୍କର ସନ୍ଧିବିଚ୍ଛେଦ କରନ୍ତୁ ।
   କଣ୍ଠୌଷ୍ଠ୍ୟ, ପ୍ରତ୍ୟେକ, ଇତ୍ୟାଦି, ଉଲ୍ଲେଖ, ତଦୋଃଧିକ

୩ ବିଶେଷ୍ୟ ପଦମାନଙ୍କୁ ବିଶେଷଣ ପଦରେ ପରିଣତ କରନ୍ତୁ ।
   ଉଲ୍ଲେଖ, ପ୍ରବାହ, ସ୍ୱାତନ୍ତ୍ର୍ୟ, ମିଳନ, ଉଚ୍ଚାରଣ ।

୪ ଗୋଟିଏ ପଦରେ ପ୍ରକାଶ କରନ୍ତୁ ।
   ନ ଲଗା, ସାନ ଓ ବଡ଼, ତିନିପୁରର ସମାହାର, କାଠରେ ତିଆରି ପୋଲ ।

୫ ଶବ୍ଦଗୁଡିକ କେଉଁ କେଉଁ ଭାଷାର ଚିହ୍ନାଇ ଦିଅନ୍ତୁ ।
   ଅନନ୍ତ, ତିଅଡି, ଢେଙ୍ଗା, ଡାସ, ପାଇପ୍ ।

୬ ମୂଳପାଠାନୁଯାୟୀ ବାକ୍ୟ ଭୁଲ ଥିଲେ ଠିକ୍ କରନ୍ତୁ ।
   (କ) ଓଡ଼ିଆ ଭାଷାରେ ଅନୁନାସିକ ଏକ ସାର୍ଥକ ଧ୍ୱନି ନୁହେଁ ।
   (ଖ) ଯେଉଁ ବ୍ୟଞ୍ଜନ ଧ୍ୱନିର ଉଚ୍ଚାରଣରେ ଫୁସ୍‌ଫୁସ୍‌ରୁ କମ୍ ବାୟୁ ନିର୍ଗତ ହୁଏ ତାକୁ ମହାପ୍ରାଣ ଧ୍ୱନି କହନ୍ତି ।
   (ଗ) ବଳାଘାତ କେବଳ ଧ୍ୱନିଗତ ନୁହେଁ ମାନସିକ ପ୍ରକ୍ରିୟା ମଧ୍ୟ ।
   (ଘ) ଦୁଇ ଶବ୍ଦ ମଧ୍ୟରେ ଅର୍ଥଭେଦ ଦେଖାଇବାର ଶକ୍ତି ସଂସ୍ୱନର ଅଛି ।

ଉତ୍ତର—

୧. (କ) ଅର୍ଥବୋଧକ ଧ୍ୱନି ସମୂହକୁ ଫୋନିମ କୁହାଯାଏ ।

(ଖ) ଧ୍ୱନି ଉପରେ ବଳ ପ୍ରୟୋଗକୁ ବଳାଘାତ କୁହାଯାଏ ।
(ଗ) ଧ୍ୱନିଗ୍ରାମ କୌଣସି ଭୌତିକ ବସ୍ତୁ ନୁହେଁ ।
(ଘ) ନାସିକ୍ୟ ଧ୍ୱନି ଉଚ୍ଚାରଣ କଲାବେଳେ କୋମଳ ତାଳୁ ଉପରକୁ ଉଠିନଥାଏ ।

୨ କ୍ରମାନୁସାରେ ଉତ୍ତର—କଣ୍ଠ+ଓଷ୍ଠ୍ୟ=କଣ୍ଠୌଷ୍ଠ୍ୟ, ପ୍ରତି+ଏକ=ପ୍ରତ୍ୟେକ, ଇତି+ଆଦି=ଇତ୍ୟାଦି, ଉତ୍+ଲେଖ=ଉଲ୍ଲେଖ, ତତଃ+ଅଧିକ=ତତୋଽଧିକ ।

୩. କ୍ରମାନୁସାରେ ଉତ୍ତର—ଉଲ୍ଲିଖିତ, ପ୍ରବାହିତ, ସ୍ୱତନ୍ତ୍ର, ମିଳିତ, ଉଚ୍ଚାରିତ ।

୪. କ୍ରମାନୁସାରେ ଉତ୍ତର—ଅଲଗା, ସାନବଡ଼, ତ୍ରିପୁର, କାଠପୋଲ ।

୫. କ୍ରମାନୁସାରେ ଉତ୍ତର—ତତ୍ସମ, ତଦ୍ଭବ, ଦେଶଜ, ଯାବନିକ, ଇଂରେଜୀ ।

୬. (କ) ଓଡ଼ିଆ ଭାଷାରେ ଅନୁନାସିକ ଏକ ସାର୍ଥକ ଧ୍ୱନି ।
(ଖ) ଯେଉଁ ବ୍ୟଞ୍ଜନ ଧ୍ୱନିର ଉଚ୍ଚାରଣରେ ଫୁସଫୁସରୁ କମ୍ ବାୟୁ ନିର୍ଗତ ହୁଏ ତାକୁ ଅଳ୍ପପ୍ରାଣ ଧ୍ୱନି କହନ୍ତି ।
(ଗ) ବଳାଘାତ କେବଳ ଧ୍ୱନିଗତ ନୁହେଁ ଶାରୀରିକ ପ୍ରକ୍ରିୟା ମଧ୍ୟ ।
(ଘ) ଦୁଇ ଶବ୍ଦ ମଧ୍ୟରେ ଅର୍ଥଭେଦ ଦେଖାଇବାର ଶକ୍ତି (ଫୋନିମ) ଧ୍ୱନିଗ୍ରାମର ଅଛି ।

## ୨.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ବାକ୍ୟଗୁଡ଼ିକ ଭୁଲ ଥିଲେ ଠିକ୍ କରି ଲେଖନ୍ତୁ ।
(କ) ସମସ୍ତ ସ୍ୱର ଧ୍ୱନିକୁ ଅଘୋଷ କୁହାଯାଏ ।
(ଖ) 'କ' ଏକ ସଘୋଷ ଧ୍ୱନି ।
(ଗ) ସଂସ୍ୱନକୁ ଧ୍ୱନିଶ୍ରେଣୀ ବା ପରିବାର ବୋଲି କୁହାଯାଏ ।
(ଘ) ଆହୃତ ଶବ୍ଦମାନଙ୍କୁ ଓଡ଼ିଆ ଭାଷାରେ ଦେଶଜ ଶବ୍ଦ ବୋଲି କୁହାଯାଏ ।

୨. ଶୂନ୍ୟସ୍ଥାନ ପୂରଣ କରନ୍ତୁ—
(କ) ଓଡ଼ିଆରେ ୮ଟି ସାର୍ଥକ — ଧ୍ୱନି ଅଛି ।
(ଖ) ବର୍ଗର — ଓ — ଧ୍ୱନିକୁ ସଘୋଷ ବ୍ୟଞ୍ଜନ କୁହାଯାଏ ।
(ଗ) ଧ୍ୱନିର — ଓ — କୁ ସ୍ୱର ଲହର କୁହାଯାଏ ।
(ଘ) ସ୍ୱରଧ୍ୱନି ଉଚ୍ଚାରଣ କଲାବେଳେ — ରେ କମ୍ପନ ଥାଏ ।

୩. ନିମ୍ନଲିଖିତ ପଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ—
ବଳାଘାତ, ତତ୍ସମ, ସଂସର୍ଗ, ଅଭ୍ୟନ୍ତର ।

୪. ବ୍ୟାସ ବାକ୍ୟ ସହ ସମାସ ନିର୍ଣ୍ଣୟ କରନ୍ତୁ—
ପ୍ରତିଦିନ, ବେଶଭୂଷା, ନିରର୍ଥକ, ବୌଦ୍ଧଧର୍ମ ।

୫. ବିଶେଷଣ ପଦକୁ ବିଶେଷ୍ୟ ପଦରେ ପରିଣତ କରନ୍ତୁ—
ପାର୍ଶ୍ୱିକ, କମ୍ପିତ, ବ୍ୟବହୃତ, ସମ୍ପାଦିତ, ଧ୍ୱନ୍ୟାତ୍ମକ

୬. ଶବ୍ଦଗୁଡ଼ିକ କେଉଁ ଶ୍ରେଣୀର ଚିହ୍ନାଇ ଦିଅନ୍ତୁ—
ପରବ, ଡାଆଣୀ, ଢୋଲ, ସାଗୁ, ମିଟର ।

୭. ନିମ୍ନଲିଖିତ ଶବ୍ଦମାନଙ୍କ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦିଅନ୍ତୁ—
ନାସିକ୍ୟବ୍ୟଞ୍ଜନ, ସ୍ୱରଯନ୍ତ୍ର, ଦେଶଜ ଶବ୍ଦ ।

୮. ନିମ୍ନଲିଖିତ ଧ୍ୱନିମାନଙ୍କର ପରିବର୍ତ୍ତନରେ କେଉଁ କେଉଁ ନିୟମ ଦେଖାଯାଏ ।
ଲାଜ, ଶିଉଳି, ଲହଡ଼ି, କେନ୍ଦର, ବିଲେଇ ।

୯. ନିମ୍ନ ପ୍ରଦତ୍ତ ଶବ୍ଦମାନଙ୍କୁ ନେଇ ବାକ୍ୟ ଗଠନ କରନ୍ତୁ—
ଉପାଦାନ, ସ୍ୱଚ୍ଛନ୍ଦ, ଅଳ୍ପପ୍ରାଣ, ଅବରୋହ, ଫୁସ୍ଫୁସ୍ ।

୧୦. ଗୋଟିଏ ପଦରେ ଲେଖନ୍ତୁ—
(କ) ଶଯ୍ୟାରେ ଶୋଇଛି ଯେ
(ଖ) ତାର ନାହିଁ ଯହିଁରେ
(ଗ) କଣ୍ଠ ପର୍ଯ୍ୟନ୍ତ
(ଘ) ଋଷି ଋଷିର ସମାହାର